ନିର୍ଭୀକ ଆମ

PRGI. REGD. NO: ORORI/25/A2124

# ସମବାୟ ସମ୍ବାଦ

NIRBHIKA AMA SAMABAYA SAMBAD

● Vol -1 ● Issue - 20 ● October 01 - 15, 2026 ● Bhubaneswar ● Rs. 5 ● Pages - 08 ● Fortnightly

● ଭାଗ-୧ ● ସଂଖ୍ୟା ୨୦ ● ଅକ୍ଟୋବର ୦୧- ୧୫, ୨୦୨୬ ● ଭୁବନେଶ୍ୱର ● ମୂଲ୍ୟ ୫.୦୦ ଟଙ୍କା ● ପୃଷ୍ଠା ସଂଖ୍ୟା -୦୮ ● ପାକ୍ଷିକ


# ଦୁର୍ନୀତିଖୋରଙ୍କୁ ସୁରକ୍ଷା ଦେଉଛି ସରକାରୀଦଳ

ଭୁବନେଶ୍ୱର: (ସମବାୟ ସମ୍ବାଦ ବ୍ୟୁରୋ): ରାଜ୍ୟବାସୀଙ୍କୁ ସ୍ୱଚ୍ଛ ଓ ଉତ୍ତରଦାୟୀ ଶାସନର ପ୍ରତିଶ୍ରୁତି ଦେଇ ଆସନକୁ ଆସିଥିଲେ ମୋହନ ମାଝୀଙ୍କ ନେତୃତ୍ୱାଧୀନ ବିଜେପି ସରକାର। ତାଙ୍କ ଶାସନ କେବେଠୁ ଦୁଇବର୍ଷ ଅତିକ୍ରମ କରିସାରିଲାଣି। ହେଲେ ଅନେକ କ୍ଷେତ୍ରରେ ସ୍ୱଚ୍ଛତା ତ ଦୂରର କଥା, ଦୁର୍ନୀତିଖୋରଙ୍କୁ ସୁରକ୍ଷା ଦେବା ଘଟଣା ଜଳଜଳ ଦିଶୁଥିଲେ ବି ସରକାରୀଦଳ କେହି ପାଟି ଖୋଲୁଛନ୍ତି । ଅଳ୍ପ କିଛି ଟଙ୍କା ଲାଞ୍ଚ ନେଇ ବା ଆତ୍ମସାତ୍ କରି ଭିଜିଲାନ୍ସ ହାତରେ ଧରାପଡୁଥିବା ଅଧିକାରୀ-କର୍ମଚାରୀଙ୍କୁ ନେଇ ସରକାର ବାହାବା ନେବାକୁ ଉଦ୍ୟମ କରୁଥିଲାବେଳେ ଲକ୍ଷଲକ୍ଷ ଟଙ୍କାର ସରକାରୀ ଅର୍ଥ ଆତ୍ମସାତ୍ କରୁଥିବା ଗୁରୁତ୍ୱପୂର୍ଣ୍ଣ ବିରୋଧରେ ପଦବାଧାରୀଙ୍କ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ତାଙ୍କୁ ସୁରକ୍ଷା ଦେବାକୁ ସବୁ ପ୍ରକାର ଉଦ୍ୟମ କରାଯାଉଛି। ଚର୍ଚ୍ଚାନୁଯାୟୀ ରାଜ୍ୟ ସରକାରଙ୍କ ସିଂହଭାଗ ଅଂଶଧନ ଥିବା ଓ ଚାଷୀଙ୍କ ସ୍ୱାର୍ଥ ସହ ଜଡ଼ିତ ଶୀର୍ଷ ସମବାୟ ସଂସ୍ଥା ' ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ' (ଓଏସସିବି)ରେ ଲୋକଙ୍କ ଅର୍ଥ ଆତ୍ମସାତ୍ ଘଟଣାରେ ସଂପୃକ୍ତ ସେହି ବ୍ୟାଙ୍କର ତଥାକଥିତ ସଭାପତି ଟି.ପି. ରାଓ ଦୋରାଙ୍କ ବିରୋଧରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ତାଙ୍କୁ ସୁରକ୍ଷା ଦେବାକୁ ଜଣେ ମନ୍ତ୍ରୀ ଜୋରଦାର୍ ଉଦ୍ୟମ କରିବା ସହ କାଳେ ତାଙ୍କ ଲାଗି ଢାଲ ସାଜିଛନ୍ତି । ଖୋଦ୍ ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ଟି. ପି. ରାଓ ଦୋରାଙ୍କ ବିରୋଧରେ ଆଗତ ଦୁର୍ନୀତି ଅଭିଯୋଗ ସଂପର୍କିତ ଉଚ୍ଚସ୍ତରୀୟ ତଦନ୍ତ ରିପୋର୍ଟକୁ ଅନୁମୋଦନ କରି କାର୍ଯ୍ୟାନୁଷ୍ଠାନ ଲାଗି ପଠାଇବାର ଦୁଇବର୍ଷ ବିତିଯାଇଥିଲେ ହେଁ ଅଦୃଶ୍ୟ କ୍ଷମତା କେନ୍ଦ୍ରର ଚାପରେ ଏଯାବତ୍ କୌଣସି ଅପରାଧିକ କାର୍ଯ୍ୟାନୁଷ୍ଠାନ ନିଆଯାଇପାରି ନାହିଁ । ପ୍ରକାରାନ୍ତରେ ମୁଖ୍ୟମନ୍ତ୍ରୀଙ୍କୁ ଦୁର୍ବଳ ଦର୍ଶାଇବାକୁ ଏହି କ୍ଷମତା କେନ୍ଦ୍ରର ଏ ପ୍ରକାର ରେଶମୀ ଚାଲ୍‌କୁ ନେଇ କ୍ଷମତା କରିଡରରେ ଚାଲିଛି ଜୋରଦାର୍ ଚର୍ଚ୍ଚା। ଡୋଲ ଭିତରେ ମୂଷା ରହି ତୃତୀୟ ମହଲାରେ ଆତଯାତ କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତି ଅଭିଯୁକ୍ତଙ୍କୁ ସୁରକ୍ଷା ଦେବାକୁ ମନ୍ତ୍ରୀଙ୍କ ସହ ସକ୍ରିୟ ଉଦ୍ୟମ କରୁଥିବା କୁହାଯାଉଛି। ଯେଉଁ କାରଣରୁ ମୁଖ୍ୟମନ୍ତ୍ରୀଙ୍କ ଆଡୁ ଅଭିଯୁକ୍ତଙ୍କୁ ସୁରକ୍ଷା ଦେବା ଲାଗି କୌଣସି ପ୍ରକାର ନିର୍ଦ୍ଦେଶ ନଥଲେ ହେଁ ବିଭାଗୀୟ ଉଚ୍ଚ ଅଧିକାରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ନିରବତା ଅବଲମ୍ବନ କରିବା ଅନେକଙ୍କୁ ଚକିତ କରିଛି।

ସୂଚନାଯୋଗ୍ୟ ଯେ ୨୦୨୩ ମସିହାରେ ବିଜେଡି ଶାସନ କାଳରେ ଶ୍ରୀ ଦୋରା ବେଆଇନ୍ ଭାବେ ଏହି ସମ୍ମାନଜନକ ଶୀର୍ଷ ସମବାୟ ସଂସ୍ଥାର ମୁଖିଆ ପଦରେ ରହିଥିବା ନେଇ ବିଜେପି ସମବାୟ ପ୍ରକୋଷ୍ଠର ମୁଖ୍ୟ ପବିତ୍ର ଦାଶ ସମବାୟ ରେଜିଷ୍ଟ୍ରାର୍‌ଙ୍କ ପାଖରେ ପ୍ରମାଣ ସହ ଅଭିଯୋଗ ଦାଖଲ କରିଥିଲେ । କିନ୍ତୁ ତାଙ୍କ ଅଭିଯୋଗ ଉପରେ କୌଣସି ବିଧିବଦ୍ଧ ତଦନ୍ତ ନକରି ସେତେବେଳର କ୍ଷମତାଧରଙ୍କ ଚାପରେ ଅଭିଯୋଗକୁ ଚାପି ଦିଆଯାଇଥିଲା। ସେତେବେଳର ସମବାୟ ରେଜିଷ୍ଟ୍ରାର୍ ଓଏସସିବିର ଏମ୍‌ଡି ଦାୟିତ୍ୱରେ ଥିଲେ ଏବଂ ସଭାପତି ଶ୍ରୀ ଦୋରାଙ୍କ ସହ ମିଶି ବିଭିନ୍ନ ବେଆଇନ୍ ଓ ଦୁର୍ନୀତିମୂଳକ କାର୍ଯ୍ୟକଳାପରେ ସଂପୃକ୍ତ ଥିବାନେଇ ବିଜେପି ନେତା ତଥା ସମବାୟବିତ୍ ସୁଧାଂଶୁ ଶେଖର ବଡ଼ଜେନା ନାବାର୍ଡ, ଆରବିଆଇ, ରାଜ୍ୟ ସରକାରଙ୍କ ବିଭିନ୍ନ ସ୍ତରରେ ପ୍ରମାଣ ସହ ଅଭିଯୋଗପତ୍ର ଦାଖଲ କରିଥିଲେ। ନାବାର୍ଡ ଏହି ଅଭିଯୋଗଗୁଡ଼ିକୁ ଅତ୍ୟନ୍ତ ଗୁରୁତର ଦର୍ଶାଇ ବିଧିବଦ୍ଧ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ରାଜ୍ୟ ସରକାରଙ୍କୁ ସୁପାରିସ କରିଥିଲେ। ନାବାର୍ଡର ଏହି ଚିଠି ଆସିବା ପରେ ସରକାରୀ ସ୍ତରରେ ତତ୍ପରତା ପ୍ରକାଶ ପାଇଥିଲା। ଏହା ଥିଲା ନବୀନ ପଟ୍ଟନାୟକଙ୍କ ଶାସନର ଅନ୍ତିମ ସମୟର କଥା। ଉଚ୍ଚସ୍ତରୀୟ ତଦନ୍ତ କମିଟି ଗଢ଼ାଗଲା । ସେମାନେ ବିଭିନ୍ନ ଅଭିଯୋଗର ବିଧିବଦ୍ଧ ତଦନ୍ତ ଆରମ୍ଭ କଲେ।

## ସମବାୟ ଦୁର୍ନୀତିର ଗନ୍ଧ



Findings on the 1st Allegation:

It has been alleged that Sri TPR Dora, presently working as the President of the OSCB Ltd. represents the Bhubaneswar Town Development House Building Cooperative Society (BTDHB Cooperative Society), which is a defaulter of the Odisha Cooperative Housing Corporation Ltd. (OCHC) and his election to the post of the Director / President of the OSCB violates the provisions of the OCS Act and Rules.

Gone through the records of the Orissa Cooperative Housing Corporation Ltd. in connection with the above allegation and it is found that the BTDHB Cooperative Society is one of its defaulters. The copies of the notices issued by OCHC to BTDHB Cooperative

Page 1 of 6

Findings on the 2nd Allegation:

It is alleged that OSCB has incurred expenditure towards remodeling of the private house of Sri T.P.R Dora situated at Old Town, Bhubaneswar.

Gone through the concerned file of OSCB and orders in the note sheet. It is found that the Assistant Engineer, Sri Pradyot Samantray has initiated the matter and proposed to prepare an estimate for repair and renovation of the private house of the President OSCB, which was then recommended by the Assistant Executive Engineer, Sri Santanu Kumar Raiguru and finally approved by the MD, OSCB. The technical team of OSCB have also visited the house of President before preparing the estimate of Rs 5.00 lakh, as revealed from the file. Tender was also done for the work and one Agency, M/S Nari Interior (proprietor- Sri Narendra Kumar Sahoo) has been selected for Rs 4.99 lakhs. Part payment of Rs 38,932 has also been made to the proprietor by OSCB. But, surprisingly, after the allegation was filed in this matter the same amount has been refunded by the proprietor to OSCB and manipulations done by the President / MD, OSCB in the note sheet. (Copy of the note sheet enclosed as annexure-IV). The Assistant Engineer and the Assistant Executive Engineer have also been issued explanations by the MD in this regard on 20.05.2024 and 23.05.2024 just before the enquiry, in an attempt to white wash the issue.

This allegation of the petitioner is established. Action as deemed proper should be initiated against the Assistant Engineer, Sri Pradyot Samantray and the Assistant Executive Engineer, Sri Santanu Kumar Raiguru for this act/attempt of misappropriation of public money.

Findings on the 3rd Allegation:

It is alleged that the National Federation of State Cooperative Banks (NAFSCOB) have invited the President, OSCB Ltd. to attend the ICA CCR Global European Cooperative Research conference held at Leuven, Belgium from 10th to 14th July, 2023. Accordingly, the President, Sri TPR Dora went to Belgium to attend the Conference, but he went to Amsterdam on 13.07.2023 although there was no specific official business at that place. It is further alleged that, Sri Dora submitted his tour diary to the Bank and claimed the expenses from the Bank for his pleasure trip which is illegal.



GOVERNMENT OF ODISHA

CO-OPERATION DEPARTMENT

...

OFFICE ORDER

No. COOP-FE2-TRNG-0006-2023 6983 /Coop., Date: 07.08.2023

The entire expenditure towards Registration Fee, Travel, Visa charges, overseas medical insurance, hotel package charges and daily allowance for the participation will be borne by National Federation of State Co-operative Banks Ltd. (NAFSCOB), Vashi , Navi Mumbai.

By order of the Governor,
(S.K Dash)
Additional Secretary to Government

ଶ୍ରୀ ବଡ଼ଜେନା ମୁଖ୍ୟତଃ ତିନୋଟି ଅଭିଯୋଗ କରିଥିଲେ। ଶ୍ରୀ ଦୋରା ଏକ ଗୃହ ନିର୍ମାଣ ସଂସ୍ଥାର ପ୍ରତିନିଧି ଭାବେ ଓଏସସିବି ନିର୍ବାଚନରେ ଭାଗ ନେଇଥିଲେ, ଯେଉଁ ସଂସ୍ଥା ଓଡ଼ିଶା ରାଜ୍ୟ ସମବାୟ ଗୃହ ନିର୍ମାଣ ନିଗମରୁ କୋଟିଏରୁ ଅଧିକ ଟଙ୍କା ଋଣ ନେଇ ଗୋଟିଏ ବି ଟଙ୍କା ପୈଠ ନକରିବାରୁ ସୁଧ ସହ ଋଣ ଭାର ପହଞ୍ଚିଲା ୬ କୋଟିରେ। ଆଇନ୍ ଅନୁଯାୟୀ କୌଣସି ସମବାୟ ସଂସ୍ଥାରୁ ଋଣ ନେଇ ଋଣ ପୈଠରେ ଖିଲାପ କରିଥିବା ସମବାୟ ସଂସ୍ଥାର ପ୍ରତିନିଧି ଅନ୍ୟ କୌଣସି ସମବାୟ ସଂସ୍ଥାରେ ସଭାପତି ତ ଦୂରର କଥା, ନିର୍ଦ୍ଦେଶକ ମଧ୍ୟ ହୋଇ ପାରିବେ ନାହିଁ । ନୋଟିସ ପାଇବା ପରେ ନିର୍ଦ୍ଦିଷ୍ଟ ସମୟ ଭିତରେ ସଂପୃକ୍ତ ଖିଲାପି ସଂସ୍ଥା ଅର୍ଥ ପୈଠ ନକଲେ ଏହାର ପ୍ରତିନିଧିଙ୍କ ପଦବୀ ଆପେଆପେ ରଦ୍ଦ ହୋଇଯିବ । ଏହି ଅଭିଯୋଗ ଉପରେ ତଦନ୍ତ କମିଟି ଗୃହ ନିର୍ମାଣ ନିଗମକୁ ଯାଇ ବିଧିବଦ୍ଧ ତଦନ୍ତ କଲେ ଏବଂ ତାଙ୍କ ରିପୋର୍ଟରେ ଶ୍ରୀ ଦୋରାଙ୍କ ପଦବୀକୁ ତୁରନ୍ତ ରଦ୍ଦ କରାଯିବାକୁ ଆଇନ୍ ଅନୁଯାୟୀ ସୁପାରିସ କଲେ। ଦ୍ୱିତୀୟ ଅଭିଯୋଗ ଥିଲା ବ୍ୟାଙ୍କ ପାଣ୍ଠିରୁ ଦୋରାଙ୍କ ବାସଭବନ ସାଜସଜ୍ଜାରେ ଖର୍ଚ୍ଚକୁ ନେଇ। ଶ୍ରୀ ଦୋରାଙ୍କ ଚାପରେ ବ୍ୟାଙ୍କ ପାଣ୍ଠିରୁ ଅର୍ଥ ବ୍ୟୟ କରାଯାଇ ତାଙ୍କ ବ୍ୟକ୍ତିଗତ ଘରର ସାଜସଜା କରାଗଲା। ଏହି ଅଭିଯୋଗର ତଦନ୍ତ ପାଇଁ କମିଟି ଯିବାବେଳେ ଏକ ରୋଚକ ଘଟଣା ଦେଖିବାକୁ ମିଳିଲା। ୨୦୨୩ ନଭେମ୍ବରରେ ଶ୍ରୀ ଦୋରା ଏକ ନୋଟ୍‌ର ପାର୍ଶ୍ୱରେ ତାଙ୍କ ଘର କାମ ପାଇଁ ସେ ଚାହୁଁନଥିବା ଲେଖିଥିବା ଦେଖାଗଲା। କଥାରେ ଅଛି, ଗୋଟିଏ ଭୁଲକୁ ଘୋଡ଼ାଇବାକୁ ଯାଇ ମଣିଷ ଭୁଲ ପରେ ଭୁଲ କରେ। ଯଦି ୨୦୨୩ ନଭେମ୍ବରରେ ଶ୍ରୀ ଦ୍ୱାରା ତାଙ୍କ ଘରେ ବ୍ୟାଙ୍କ ପାଣ୍ଠିରୁ କାମ କରିବାକୁ ଚାହୁଁନଥିବା ଲେଖିଥିଲେ ତେବେ ତା'ର ୫ମାସ ପରେ ତାଙ୍କ ଘର କାମ ପାଇଁ ସଂପୃକ୍ତ ଠିକାଦାରଙ୍କୁ ଅର୍ଥ ପୈଠ କରିବାକୁ ବ୍ୟାଙ୍କ ପରିଚାଳନା ନିର୍ଦ୍ଦେଶକ ଆଦେଶ ଦେଲେ କେମିତି ? ବ୍ୟାଙ୍କ ପାଣ୍ଠିରୁ ଟଙ୍କା ଦିଆଗଲା କେମିତି ?

➪ପୃଷ୍ଠା ୫

## ନବୀନ ଥିଲେ ଦୁର୍ନୀତିଖୋର ସାବାଡ ହେଇଥାନ୍ତେ !

ନବୀନ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀତ୍ୱ କାଳରେ ଯଦି ଏହିପରି ତଗଡ଼ା ତଦନ୍ତ ରିପୋର୍ଟ ତାଙ୍କ ସାମ୍ନାକୁ ଆସିଥାନ୍ତା ଅଭିଯୁକ୍ତ ଯେତେ ପ୍ରଭାବଶାଳୀ ହୁଅନ୍ତୁ ନା କାହିଁକି ସେ ତାଙ୍କୁ ରଗଡି ଦେଇ ସାଧାରଣରେ ବାହାବା ନେବାର କୌଣସି ସୁଯୋଗକୁ ହାତଛଡ଼ା କରିନଥାନ୍ତେ ବୋଲି କହିଛନ୍ତି ଜଣେ ବିଜେଡି ନେତା। କୌଣସି ଦଳ କେବେ ବି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ପାପର ବୋଝକୁ ମୁଣ୍ଡରେ ମୁଣ୍ଡାଇ ବଦନାମ ହେବାକୁ ଚାହିଁବେ ନାହିଁ। ତାହା ପୁଣି ସମବାୟ ନିର୍ବାଚନ ପାଖେଇ ଆସୁଥିବା ବେଳେ। କେଉଁ କାରଣରୁ ସମବାୟର ଉଚ୍ଚାଧିକାରୀଙ୍କ ହାତବନ୍ଧା ହୋଇଛି ? ମୁଖ୍ୟମନ୍ତ୍ରୀଙ୍କ ଆଦେଶର କେଉଁ କାରଣରୁ ଅନୁପାଳନ ହେଉନି ? କେଉଁ ସ୍ୱାର୍ଥ ଲାଗି କେଉଁ ମନ୍ତ୍ରୀ ଅଭିଯୁକ୍ତଙ୍କ ଲାଗି ଢାଲ ସାଜି ଆଇନ୍‌କୁ ତା'ରାସ୍ତାରେ ଯିବାକୁ ଦେଉନାହାନ୍ତି ସେ ସଂପର୍କରେ ମୁଖ୍ୟମନ୍ତ୍ରୀ ତୁରନ୍ତ ତଦନ୍ତ କରି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ତାହା ଅନ୍ୟ ଦୁର୍ନୀତିଖୋରଙ୍କ ମଧ୍ୟରେ ଭୟ ସୃଷ୍ଟି କରିବ ବୋଲି ସମବାୟବିତ୍‌ଙ୍କ ମହଲରେ ଚର୍ଚ୍ଚା ହେଉଛି।







# 'ସମ୍ବନ୍ଧ'ର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର: ''ସମବାୟ ସଂସ୍ଥା କୌଣସି ରାଜନୈତିକ ମଞ୍ଚ ନୁହେଁ, ଏହା ହେଉଛି ଆମର ଅନ୍ନଦାତା ଚାଷୀ ଭାଇଭଉଣୀଙ୍କ ଜୀବନରେଖା,'' ବୋଲି ଆଜି **PACS** ଓ **LAMPCS** ର ମେଗା ମେମ୍ବରସିପ୍ ଡ୍ରାଇଭ୍ 'ସମ୍ବନ୍ଧ'ର ଶୁଭାରମ୍ଭ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଭୁବନେଶ୍ୱର ଓୟୁଏଟି କୃଷି ଶିକ୍ଷା ସଦନ ଠାରେ ଆୟୋଜିତ ଏହି ରାଜ୍ୟସ୍ତରୀୟ ଶୁଭାରମ୍ଭ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, 'ସମ୍ବନ୍ଧ' କେବଳ ଗୋଟିଏ ଯୋଜନାର ଶୁଭାରମ୍ଭ ନୁହେଁ, ବରଂ ଏହା ସରକାର ଏବଂ ରାଜ୍ୟର ପ୍ରତ୍ୟେକ ଚାଷୀ ପରିବାର ମଧ୍ୟରେ ନିବିଡ଼ ସମ୍ପର୍କ ଓ ବିଶ୍ୱାସର ବନ୍ଧନକୁ ସୁଦୃଢ଼ କରିବାର ଏକ ଅଭିନବ ପ୍ରୟାସ । ରାଜ୍ୟର କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ଉପରେ ନିର୍ଭରଶୀଳ ଚାଷୀଙ୍କ ଜୀବନରେ ଏହା ଏକ ନୂତନ ଫର୍ଦ୍ଦ ଯୋଡ଼ିବ ବୋଲି ସେ କହିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କୃଷକମାନଙ୍କୁ ବିପୁଳ ସଂଖ୍ୟାରେ **PACS** ଓ **LAMPCS** ରେ ଯୋଡ଼ି ହେବାକୁ ଆହ୍ୱାନ ଦେଇଥିଲେ ।

ସେ ପୁଣି କହିଥିଲେ, ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କ 'ସହକାର୍ ସେ ସମୃଦ୍ଧି' ଆହ୍ୱାନ ଏବଂ କେନ୍ଦ୍ର ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହାଙ୍କ ମାର୍ଗଦର୍ଶନକୁ ପାଥେୟ କରି ଓଡ଼ିଶା ଆଜି ଭାରତର ପ୍ରଥମ ରାଜ୍ୟ ଭାବେ ନିଜର 'ସମବାୟ ନୀତି ୨୦୨୬' ପ୍ରଣୟନ କରିଛି। ଏହି ନୂତନ ନୀତି ଅଧୀନରେ **PACS** ଓ **LAMPCS** ଗୁଡ଼ିକୁ କେବଳ ଋଣ ପ୍ରଦାନ ମଧ୍ୟରେ ସୀମିତ ନରଖି ଗ୍ରାମାଞ୍ଚଳର 'ମଲ୍ଟି-ସର୍ଭିସ୍ ୱାନ୍-ଷ୍ଟପ୍ ସଲ୍ୟୁସନ୍' ସେଣ୍ଟରରେ ପରିଣତ କରାଯାଉଛି। ଚାଷୀମାନଙ୍କୁ ଧାନ କୁଇଣ୍ଟାଲ ପ୍ରତି ୩୧୦୦ ଟଙ୍କା **MSP** ପ୍ରଦାନ କରାଯାଉଥିବା ବେଳେ ଗୋଟିଏ ଛାତ ତଳେ ସାର, ବିହନ, ଆଧୁନିକ କୃଷି ଯନ୍ତ୍ରପାତି, ବ୍ୟାଙ୍କିଙ୍ଗ୍, ଫସଲ ବୀମା ଓ ଦୁଗ୍ଧ ସଂଗ୍ରହ ସୁବିଧା ଯୋଗାଇ ଦିଆଯାଉଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୧୮୫ଟି ରୂପାନ୍ତରିତ ମଣ୍ଡି, ୫୦ଟି କଷ୍ଟମ୍ ହାୟାରିଂ ସେଣ୍ଟର, ୨୫୦ଟି ଜନସେବା କେନ୍ଦ୍ର (**CSC**), ୬୦ଟି ନୂତନ **Consumer Store**, ୭୦ଟି ପ୍ୟାକ୍ସର ନୂତନ କାର୍ଯ୍ୟାଳୟ ଓ ଗୋଦାମ ଘର, ୨୧ଟି ପ୍ୟାକ୍ସରେ ଦୁଗ୍ଧ ସଂଗ୍ରହ କେନ୍ଦ୍ର ଉଦ୍‌ଘାଟନ କରିବା ସହିତ ୪ଟି ଆଦର୍ଶ ମଣ୍ଡି ଏବଂ ବିଶ୍ୱର ସର୍ବବୃହତ୍ ଶସ୍ୟ ସଂରକ୍ଷଣ ଯୋଜନାରେ ୩ଟି ଶସ୍ୟ ଗୋଦାମଘରର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।

ସମବାୟ ସମିତିଗୁଡ଼ିକର କାର୍ଯ୍ୟଶୈଳୀକୁ ଅଧିକ ସ୍ୱଚ୍ଛ ଓ ଦକ୍ଷ କରିବା ପାଇଁ **National PACS Softwar**ର ମାଧ୍ୟମରେ କୋର୍ ବ୍ୟାଙ୍କିଙ୍ଗ୍ ଓ ରିଅଲ-ଟାଇମ ସେଟେଲମେଣ୍ଟ ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି।

ଏହିକ୍ରମରେ ୩୦୦ଟି ପ୍ୟାକ୍ସରେ **NLPS** ମାଧ୍ୟମରେ ଅନ୍‌ଲାଇନ୍ ବ୍ୟବସ୍ଥାର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ପ୍ରଥମ ଥର ପାଇଁ ପ୍ୟାକ୍ସ ଓ ଲ୍ୟାମ୍ପ୍‌ସର ଚାଷୀ-ସଦସ୍ୟମାନଙ୍କୁ ଲାଭାଂଶ ବଣ୍ଟନ ପ୍ରକ୍ରିୟା ଆରମ୍ଭ କରାଯାଇଛି । ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଲାଭାଂଶ ବଣ୍ଟନ ପ୍ରକ୍ରିୟା ଆରମ୍ଭ ହୋଇଛି । ଆଜି ମୁଖ୍ୟମନ୍ତ୍ରୀ ୩୨୨ଟି ପ୍ୟାକ୍ସ ଓ ଲ୍ୟାମ୍ପ୍‌ସର ଚାଷୀମାନଙ୍କୁ ଲାଭାଂଶ ପ୍ରଦାନ କରିଛନ୍ତି । ଏହି ପ୍ରକ୍ରିୟାରେ ୨୦୨୪-୨୫ ଆର୍ଥିକ ବର୍ଷରେ ସମୁଦାୟ ୫୦୦ରୁ ଅଧିକ ସମିତିର ପ୍ରାୟ ୮ ଲକ୍ଷ ଚାଷୀ ଲାଭାନ୍ୱିତ ହେବେ। ରାଜ୍ୟର ଆଖୁ ଚାଷୀଙ୍କ ଆୟ ବୃଦ୍ଧି ଓ ସମବାୟ ଚିନି ଶିଳ୍ପର ପୁନରୁଦ୍ଧାର ପାଇଁ ମୁଖ୍ୟମନ୍ତ୍ରୀ "ସମବାୟ ଚିନି ଶିଳ୍ପ ଅଞ୍ଚଳରେ ଆଖୁ ଉତ୍ପାଦନ ପ୍ରୋତ୍ସାହନ" ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ଯୋଜନା ଅଧୀନରେ ପ୍ରାରମ୍ଭିକ ପର୍ଯ୍ୟାୟରେ ବଡ଼ମ୍ବା ଓ ଆସିକା ସମବାୟ ଚିନି କଳ ଅଞ୍ଚଳର ଚାଷୀମାନଙ୍କୁ ଏକର ପ୍ରତି ୧୫,୦୦୦ ଟଙ୍କାର ଇନ୍‌ପୁଟ୍ ସବ୍‌ସିଡି ପ୍ରଦାନ କରାଯିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟର ଆଖୁ ଚାଷୀମାନଙ୍କୁ ଉଚ୍ଚ ସୁଗାର କଣ୍ଟେଣ୍ଟ ଥିବା ଉନ୍ନତମାନର ଆଖୁ ବିହନ ଯୋଗାଇବାକୁ କୃଷି ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଆଜି ମୁଖ୍ୟମନ୍ତ୍ରୀ ଓଡ଼ିଶା ରାଜ୍ୟ ପଣ୍ୟାଗାର ନିଗମର ୧୧ ଜଣ ସହକାରୀ ଅଧୀକ୍ଷକ, ୧୯ ଜଣ ପଣ୍ୟାଗାର ସହାୟକ ଏବଂ ୩୬ ଜଣ ସମବାୟ ନିରୀକ୍ଷକଙ୍କୁ ଆନୁଷ୍ଠାନିକ ଭାବେ ନିଯୁକ୍ତି ପତ୍ର ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମରେ ଆୟୋଜିତ ଏକ ପ୍ରଦର୍ଶନୀ ମୁଖ୍ୟମନ୍ତ୍ରୀ ବୁଲି ଦେଖିଥିଲେ । ଏହି ସମାରୋହରେ ସମବାୟ ମନ୍ତ୍ରୀ ଶ୍ରୀ ପ୍ରଦୀପ ବଳ ସାମନ୍ତ ସମବାୟ ମାଧ୍ୟମରେ ହିଁ ଗ୍ରାମୀଣ ଅର୍ଥନୀତିର ଦ୍ରୁତ ବିକାଶ ସମ୍ଭବ ବୋଲି ପ୍ରକାଶ କରି ପ୍ରତ୍ୟେକ ପରିବାରରୁ ଅନ୍ୟୁନପକ୍ଷେ ଜଣେ ସଦସ୍ୟଙ୍କୁ ସମବାୟ ସହିତ ଯୋଡିବାର ମୂଳ ଲକ୍ଷ୍ୟ ରଖି ଏହି ଅଭିଯାନ ଆରମ୍ଭ କରାଯାଇଛି ବୋଲି କହିଥିଲେ । ଗତ ଦୁଇ ବର୍ଷ ମଧ୍ୟରେ ସମବାୟ ବିଭାଗ ପକ୍ଷରୁ ହାସଲ ହୋଇଥିବା ବିଭିନ୍ନ ଉପଲବ୍ଧି ଉପରେ ଆଲୋକପାତ କରି ସେ କହିଥିଲେ ଆମ ସରକାରରେ ଏବେ ସମବାୟ ସମିତି ଗୁଡ଼ିକ ଆଉ କ୍ଷତିଗ୍ରସ୍ତ ଅନୁଷ୍ଠାନ ନୁହେଁ, ବରଂ ଏକ ସ୍ୱାବଲମ୍ବୀ ଓ ଲାଭଜନକ ବ୍ୟବସାୟିକ ପ୍ରତିଷ୍ଠାନରେ ପରିଣତ ହୋଇଛି । ସମବାୟର ବିକାଶ ଦିଗରେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ନିଆଯାଇଥିବା ସମସ୍ତ ଯୁଗାନ୍ତକାରୀ ଓ ଦୂରଦୃଷ୍ଟି ସମ୍ପନ୍ନ ପଦକ୍ଷେପ ଗୁଡ଼ିକ ଆମ ରାଜ୍ୟକୁ ସମୃଦ୍ଧ ଓଡ଼ିଶା ଗଠନ ଦିଗକୁ ଦ୍ରୁତ ଗତିରେ ଅଗ୍ରସର କରାଉଛି ବୋଲି ସେ ମତ ଦେଇଥିଲେ ।

## ସମବାୟ ସମିତିଗୁଡ଼ିକ ହେବେ ଗ୍ରାମାଞ୍ଚଳର 'ୱାନ୍-ଷ୍ଟପ୍ ସଲ୍ୟୁସନ୍' ସେଣ୍ଟର

## ସମବାୟ ଆପଣଙ୍କ ଦ୍ୱାରରେ" ବନାମ "ସମ୍ବନ୍ଧ": ନାଁ ବଦଳିଲା, ତଥ୍ୟ ଓ ଖର୍ଚ୍ଚର ହିସାବ କେଉଁଠି ?

ଭୁବନେଶ୍ୱର: ଓଡ଼ିଶାରେ ସମବାୟ ସଦସ୍ୟତାକୁ ତୃଣମୂଳ ସ୍ତରରେ ବିସ୍ତାର କରିବା ଲକ୍ଷ୍ୟରେ ଆଜି "ସମ୍ବନ୍ଧ" ମେଗା ସଦସ୍ୟତା ଅଭିଯାନ ଆରମ୍ଭ ହେଉଛି। ଗ୍ରାମାଞ୍ଚଳର ପ୍ରତ୍ୟେକ ପରିବାରରୁ ଅତି କମରେ ଜଣେ ସଦସ୍ୟଙ୍କୁ ସମବାୟ ସହିତ ଯୋଡ଼ିବା ଏହାର ଏକ ପ୍ରମୁଖ ଲକ୍ଷ୍ୟ ବୋଲି କୁହାଯାଉଛି।କିନ୍ତୁ ଏହି ଅଭିଯାନ ସହ କିଛି ସ୍ୱାଭାବିକ ପ୍ରଶ୍ନ ମଧ୍ୟ ଉଠୁଛି।

ପୂର୍ବରୁ ଚାଲିଥିବା "ସମବାୟ ଆପଣଙ୍କ ଦ୍ୱାରରେ" ଅଭିଯାନରେ କେତେ ଲୋକ ସଦସ୍ୟ ହୋଇଥିଲେ ?

ସେହି ସଦସ୍ୟତାର ଜିଲ୍ଲାୱାରୀ ଓ ସଂସ୍ଥାୱାରୀ ତଥ୍ୟ କେଉଁଠି ?

ସେହି ଅଭିଯାନରେ ସରକାରୀ ଭାବେ କେତେ ଅର୍ଥ ବ୍ୟୟ ହୋଇଥିଲା ?

କେଉଁ କାର୍ଯ୍ୟରେ କେତେ ଖର୍ଚ୍ଚ ହୋଇଥିଲା ଏବଂ ତାହାର ଫଳାଫଳ କ'ଣ ହେଲା ?

ଏବେ "ସମ୍ବନ୍ଧ" ଅଭିଯାନ ପାଇଁ ମୋଟ କେତେ ଟଙ୍କା ବ୍ୟୟ ହେବ ?

ଏହାର ଅର୍ଥ ଉତ୍ସ କ'ଣ ଏବଂ ଖର୍ଚ୍ଚର ମାନଦଣ୍ଡ କ'ଣ ?

ଜନସାଧାରଣଙ୍କ ଅର୍ଥରେ ହେଉଥିବା ଯେକୌଣସି ଅଭିଯାନରେ ତଥ୍ୟ ଓ ଖର୍ଚ୍ଚର ପାରଦର୍ଶିତା ରହିବା ଆବଶ୍ୟକ।

ଆଉ ଏକ ବଡ଼ ପ୍ରଶ୍ନ—ଚାଷୀ, ମୁଲିଆ ଓ ଗ୍ରାମୀଣ ଲୋକଙ୍କ ସହ ପ୍ରତ୍ୟକ୍ଷ ଭାବେ ଯୋଡ଼ିତ ସମବାୟ ବ୍ୟାଙ୍କ, **PACS** ଓ ଅନ୍ୟାନ୍ୟ ସମବାୟ ସଂସ୍ଥା ଥିବାବେଳେ ଏଭଳି ସଦସ୍ୟତା ଅଭିଯାନର ମୁଖ୍ୟ ଭୂମିକା କାହାର ହେବା ଉଚିତ ?

ଅଧିକାରୀମାନେ ଭୁବନେଶ୍ୱରରେ ବସି କାର୍ଯ୍ୟକ୍ରମ କରିବା ଠାରୁ ଗାଁକୁ ଯାଇ ସମବାୟ ସଂସ୍ଥାଗୁଡ଼ିକର ବାସ୍ତବ ସ୍ଥିତି, ସଦସ୍ୟଙ୍କ ସମସ୍ୟା ଓ ସମବାୟର କାର୍ଯ୍ୟକାରିତା ଉପରେ ଅଧିକ ଗୁରୁତ୍ୱ ଦେବା ଦରକାର ନୁହେଁ କି ?

ସମବାୟ ନିର୍ବାଚନ ଓ ସମବାୟ ପ୍ରଶାସନରେ ଅଧିକାରୀମାନଙ୍କ ଭୂମିକା ନେଇ ମଧ୍ୟ ଆଗାମୀ ଦିନରେ ସ୍ପଷ୍ଟ ଆଇନଗତ ସୀମା ଓ ନିୟମ ନେଇ ଆଲୋଚନା ଆବଶ୍ୟକ। ଏଠାରେ ପ୍ରଶ୍ନ କୌଣସି ସରକାର କିମ୍ବା ଦଳକୁ ନେଇ ନୁହେଁ। ପ୍ରଶ୍ନ ହେଉଛି—ସମବାୟ ଆନ୍ଦୋଳନରେ ଜନସାଧାରଣଙ୍କ ଅର୍ଥ, ସଦସ୍ୟତା ଓ ତଥ୍ୟ କେତେ ପାରଦର୍ଶୀ ?

"ସମ୍ବନ୍ଧ"ର ଲକ୍ଷ୍ୟ ଯଦି ପ୍ରକୃତରେ ଘରେ ଘରେ ସମବାୟକୁ ପହଞ୍ଚାଇବା, ତେବେ ପୁରୁଣା ଅଭିଯାନର ଫଳାଫଳ ଓ ନୂଆ ଅଭିଯାନର ଲକ୍ଷ୍ୟକୁ ସାମ୍ନାସାମ୍ନି ରଖି ମୂଲ୍ୟାୟନ କରାଯିବା ଦରକାର।"ସମବାୟ ଆପଣଙ୍କ ଦ୍ୱାରରେ" ଠାରୁ "ସମ୍ବନ୍ଧ" ପର୍ଯ୍ୟନ୍ତ—ନାଁ ବଦଳିପାରେ, ଅଭିଯାନ ବଦଳିପାରେ; କିନ୍ତୁ ଜନତାର ପ୍ରଶ୍ନ ସମାନ:

କାମ କ'ଣ ହେଲା ?

ଖର୍ଚ୍ଚ କେତେ ହେଲା ?

ଫଳାଫଳ କ'ଣ ମିଳିଲା ?

ରାଜନୈତିକ ପରିବର୍ତ୍ତନ ହୋଇଛି—ପୂର୍ବତନ ସରକାରରୁ ବର୍ତ୍ତମାନ ସରକାର। କିନ୍ତୁ ସମବାୟ ଆନ୍ଦୋଳନର ସଫଳତାର ମାପଦଣ୍ଡ ଦଳ ରାଜନୀତିକ ନୁହେଁ।









# କେସିସି ବ୍ୟାଙ୍କରେ ଅର୍ଥିକ ଅନିୟମିତତା ଅଭିଯୋଗ

## ଭିଜିଲାନ୍ସକୁ ତଦନ୍ତ ନିର୍ଦ୍ଦେଶ ଦେଲା ଇଡି

ଜୟପୁର : କେନ୍ଦ୍ରୀୟ ସମବାୟ(କେସିସି) ବ୍ୟାଙ୍କରେ ଦୁର୍ନୀତି ଓ ଆର୍ଥିକ ଅନିୟମିତତା ଅଭିଯୋଗ । ଅର୍ଥନୈତିକ ଅପରାଧ ସ୍ୱିଙ୍ଗ୍(ଇଡି)ରେ ଅଭିଯୋଗ କରିଛନ୍ତି ଅବସରପ୍ରାପ୍ତ କେସିସି ବ୍ୟାଙ୍କ କର୍ମଚାରୀ ଉମାକାନ୍ତ ରଥ। ଅଭିଯୋଗ କୁ ଗୁରୁତର ଭାବେ ନିଆଯାଇଛି। ଏହାର ତଦନ୍ତ କରିବାକୁ ଏଆଇଜି ପୁଲିସ୍ ଭିଜିଲାନ୍ସକୁ ନିର୍ଦ୍ଦେଶ ଦିଆଯାଇଛି। ତଦନ୍ତ ପରେ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶରେ ଉଲ୍ଲେଖ ରହିଛି। ରାଜ୍ୟ ଅର୍ଥନୈତିକ ଅପରାଧ ବିଭାଗରେ କେସିସି ବ୍ୟାଙ୍କ ଅବସରପ୍ରାପ୍ତ କେସିସି ବ୍ୟାଙ୍କ କର୍ମଚାରୀ ଉମାକାନ୍ତ ରଥ । ଅଭିଯୋଗକୁ ଗୁରୁତର ଭାବେ ନିଆଯାଇଛି। ଏହାର ତଦନ୍ତ କରିବାକୁ ଏଆଇଜି ପୁଲିସ ଭିଜିଲାନ୍ସକୁ ନିର୍ଦ୍ଦେଶ ଦିଆଯାଇଛି । ତଦନ୍ତ ପରେ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶରେ ଉଲ୍ଲେଖ ରହିଛି । ରାଜ୍ୟ ଅର୍ଥନୈତିକ ଅପରାଧ ବିଭାଗରେ କେସିସି ବ୍ୟାଙ୍କ ଅବସରପ୍ରାପ୍ତ କର୍ମଚାରୀ ଶ୍ରୀ ରଥ ଅଭିଯୋଗ କରିଛନ୍ତି ଯେ, ୨୦୨୪ ଅଗଷ୍ଟ ୩୧ରୁ ୨୦୨୬ ଜାନୁୟାରୀ ୩୧ପର୍ଯ୍ୟନ୍ତ ବ୍ୟାଙ୍କରେ ଦୁର୍ନିତୀ ଏବଂ ଆର୍ଥିକ ଅନିୟମିତତା ହୋଇଛି । ବ୍ୟାଙ୍କର ଭାରପ୍ରାପ୍ତ ସମ୍ପାଦକ ଅମୂଲ୍ୟକୁମାର ମଲ୍ଲିକଙ୍କ ସମୟରେ ଦୁର୍ନୀତି ହୋଇଛି। ଭାରପ୍ରାପ୍ତ ସମ୍ପାଦକ ଶ୍ରୀ ମଲ୍ଲିକ ଅବସର ନେବା ପୂର୍ବରୁ ପଦୋନ୍ନତି ଫାଇଲରେ ହେରଫେର କରିଥିଲେ। ଅଫିସିଆଲ ଫାଇଲ ଓ ସାକ୍ଷୀଙ୍କ ଯାଞ୍ଚ କରାଯାଉ । ୨୦୨୩ ଡିସେମ୍ବର ୨୬ରେ ଶ୍ରୀ ମଲ୍ଲିକଙ୍କ ପଦୋନ୍ନତି ହୋଇଥିଲା। ତାଙ୍କ ଶିକ୍ଷାଗତ ଯୋଗ୍ୟତା, ସର୍ଭିସରୁଲ୍ ଓ ମାନବସମ୍ବଳ ପଲିସି ଅନୁସାରେ ପଦୋନ୍ନତି ପାଇବାରେ ଯୋଗ୍ୟ ନା ନୁହେଁ, ଉଚ୍ଚପଦସ୍ଥ ଅଧିକାରୀଙ୍କ ମଞ୍ଜୁରି ମିଳିଛି ନା ନାହିଁ, ଆଇନ ଅନୁସାରେ ପଦୋନ୍ନତି ହୋଇଛି ନାନାହିଁ ତଦନ୍ତ କରାଯାଉ। ଶ୍ରୀ ମଲ୍ଲିକ ସମ୍ପାଦକ ଥିବା ସମୟରେ ବିଭିନ୍ନ ଲ୍ୟାମ୍ପସ୍‌ରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଥିଲା। ଏହାର ତଦନ୍ତ ରିପୋର୍ଟ, ଇଣ୍ଟରନାଲ ଅଡିଟ ରିପୋର୍ଟ, ଭିଜିଲାନ୍ସ ରିପୋର୍ଟ, ରିକଭରି ପ୍ରସିଡିଂ ଯାଞ୍ଚ କରାଯାଉ । ତାଙ୍କ ସମୟରେ କମ୍ପ୍ୟୁଟର ଓ ଏହାର ଯନ୍ତ୍ରାଂଶ, ଆସବାବପତ୍ର, ଏୟାର କଣ୍ଡିସନର, ଏଟିଏମ୍ ଲାଗି ବିଭିନ୍ନ ସାମଗ୍ରୀ ଓ ଅନ୍ୟାନ୍ୟ ସମ୍ପତ୍ତି କିଣାଯାଇଛି। ଏହାର- ସ୍ୱତନ୍ତ୍ର ଅଡିଟ ମାଧ୍ୟମରେ ଟେଣ୍ଡର ପ୍ରକ୍ରିୟା, କମ୍ପେରଟିଭ୍ ଷ୍ଟେଟମେଣ୍ଟ, ସାମଗ୍ରୀ ଯୋଗାଣ ନିର୍ଦ୍ଦେଶ, ଷ୍ଟକ ରେଜିଷ୍ଟାର, ପେମେଣ୍ଟ ଭାଉଚର, ୟୁଟିଲିଟି ପ୍ରମାଣପତ୍ର ଏବଂ ୟୁଟିଲାଇଜ ରେକର୍ଡର ମଧ୍ୟ ଯାଞ୍ଚ କରିବାକୁ ଶ୍ରୀ ରଥ ନିବେଦନ କରିଛନ୍ତି। ଏଥିସହ ତାଙ୍କ ସମୟରେ ଖର୍ଚ୍ଚ ସମ୍ପର୍କିତ ସମସ୍ତ ରେକର୍ଡ ଯାଞ୍ଚ କରାଯାଉ। ସରକାରଙ୍କ ଅର୍ଥିକ ନିୟମ ପାଳନ ହୋଇଛି ନା ନାହିଁ ତଦନ୍ତ କରାଯାଉ । ବ୍ୟାଙ୍କରେ ଆଉଟସୋର୍ସିଂ ଦ୍ୱାରା ନିଯୁକ୍ତର ଯାଞ୍ଚ କରାଯାଉ। କର୍ମଚାରୀ ଚୟନରେ ସ୍ୱଚ୍ଛତା, ନିୟମ ଅନୁସାରେ ନିଯୁକ୍ତି ଦିଆଯାଇଛି ନା ନାହିଁ, ଚୟନ ପ୍ରକ୍ରିୟା ଆଇନ ଓ ନିରପେକ୍ଷ ଭାବେ । ହୋଇଛି ନା ନାହିଁ ତଦନ୍ତ କରାଯାଉ କର୍ମଚାରୀ ସମବାୟ ସମିତି କାର୍ଯ୍ୟର ତଦନ୍ତ କରାଯାଉ। କର୍ମଚାରୀଙ୍କୁ ଋଣ ପ୍ରଦାନ, ଋଣ ବଣ୍ଟନ ପ୍ରକ୍ରିୟା, ବିଶି ରିକଭରି ପ୍ରକ୍ରିୟା, ଏକାଉଣ୍ଟ ଏବଂ ଅନ୍ୟାନ୍ୟ ରେକର୍ଡର ଅଞ୍ଚ କରାଯାଉ ଭିଜିଲାନ୍ସ କିମ୍ବା କ୍ରାଇମ ବ୍ରାଞ୍ଚ ଦ୍ୱାରା ତଦନ୍ତ କରାଯିବାକୁ ସେ ନିବେଦନ କରିଛନ୍ତି। ଦୋଷୀଙ୍କ ବିରୋଧରେ ସିଭିଲ୍ ଓ କ୍ରିମିନାଲ ମାମଲା ରୁଜୁ କରାଯାଉ । ସ୍ୱତନ୍ତ୍ର ଅଡିଟ୍ କରଯାଇ ଦେଶୀ ସାବ୍ୟସ୍ତ ହେଲେ ଅର୍ଥିକ କ୍ଷତି ଭରଣା କରଯାଉ ।

## ଚାଷଜମିରେ ମାଡ଼ିଗଲା ହୀରାକୁଦର ପଛୁଆ ପାଣି: ଶହଶହ ଏକର ଧାନ ନଷ୍ଟ ଆଶଙ୍କା

ଅମ୍ବାଭୋନା/ବରଗଡ଼: ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ୍‌ର ବିଭିନ୍ନ ଗାଁରେ ହୀରାକୁଦ ଡ୍ୟାମ୍‌ର ପଛୁଆ ପାଣି ମାଡ଼ିଗଲାଣି। ଚାଷଜମି ବୁଡ଼ି ଯାଇଥିବାରୁ ଫସଲ ନଷ୍ଟ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। ଭୈନାତୋରା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଚିଖିଲି, କପାସିରା ଗ୍ରାମ ପଞ୍ଚାୟତର ଅନ୍ତରାଡ଼ି, ଡୁଙ୍ଗୁରି ଗ୍ରାମ ପଞ୍ଚାୟତର ବଡ଼ମାଳ ଓ ବୁଙ୍ଗାପାଲି ଗ୍ରାମ ପଞ୍ଚାୟତର ଲାଉନସରା, ଜରିମୂଲି, ତାମଦେଇ ଓ ଗୋବିନ୍ଦପୁର ଗ୍ରାମର ଶହଶହ ଏକର ଧାନ ଏବଂ ବିଭିନ୍ନ ପ୍ରକାର ପନିପରିବା ଚାଷ ହୋଇଥିବା ଜମିରେ ହୀରାକୁଦ ପଛୁଆ ପାଣି ଓ ବନ୍ୟାପାଣି ମାଡ଼ିଯାଇଛି। ବାରପାହାଡ଼ କୃଷକ ସଙ୍ଗଠନ ସଭାପତି ଇଶାନ ଚନ୍ଦ୍ର ଭୋଇ ଓ ଲାଲ ବାହାଦୁର ଶାସ୍ତ୍ରୀ କୃଷକ ସଙ୍ଗଠନ ସଭାପତି ଠାକୁରରାମ ପଟେଲ ଚାଷୀମାନଙ୍କ ନିକଟରେ ଏହି ଦୁର୍ଦ୍ଦିନ ସମୟରେ ଠିଆ ହୋଇଛନ୍ତି। କୃଷି ବିଭାଗ ଓ ରାଜସ୍ୱ ବିଭାଗ ମିଳିତ ଭାବେ କ୍ଷୟକ୍ଷତିର ଆକଳନ କରି ତୁରନ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ସେମାନେ ଦାବି କରିଛନ୍ତି। ସେହିପରି ଚାଷୀଙ୍କ ଋଣ ଛାଡ଼ କରାଯାଉ ଏବଂ ବନ୍ୟା କ୍ଷତିଗ୍ରସ୍ତ ପରିବାର ବର୍ଗଙ୍କୁ ଦୁଇ ମାସର ଅତିରିକ୍ତ ମାଗଣା ଚାଉଳ ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ଓ ଯୋଗାଣ ବିଭାଗ ମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଛତିଶଗଡ଼ ଉପରମୁଣ୍ଡରୁ ଏବେ ମଧ୍ୟ ବନ୍ୟାପାଣି ମହାନଦୀରେ ପ୍ରବେଶ କରୁଛି। ହୀରାକୁଦ ଜଳଭଣ୍ଡାରରେ ବନ୍ୟାଜଳ ବଢ଼ିବାରୁ ଏହି ଗାଁଗୁଡ଼ିକରେ ପାଣି ପଶିଛି। ବନ୍ୟାପାଣି ପ୍ରବେଶ କରିଥିବା ଗାଁରେ ବିଭିନ୍ନ ସଂକ୍ରାମକ ରୋଗ ଓ ବିଷଧର ସାପର ଭୟ ରହିଥିବାରୁ ଲୋକଙ୍କୁ ସଚେତନ କରାଯାଉଛି।

## ଦୟନୀୟ ଅବସ୍ଥାରେ ଓଡ଼ିଶାର ଚିନି ଶିଳ୍ପ

ଭୁବନେଶ୍ୱର: ଆସିକାରେ ଥିବା ରାଜ୍ୟର ମୁଁ ସବୁଠାରୁ ପୁରୁଣା ଚିନିକଳର ସ୍ଥିତି । ବର୍ଷକୁ ବର୍ଷ ଦୟନୀୟ ହୋଇପଡୁଛି । ଏହାର ପ୍ରତିକାର କରାନଗଲେ ଯେ କୌଣସି ସମୟରେ ଅନ୍ୟ ସମବାୟ ଚିନିକଳଗୁଡ଼ିକ ଭଳି ଏହା ବନ୍ଦ ହୋଇପାରେ ବୋଲି ଆଖୁ ଚାଷୀମାନେ ଆଶଙ୍କା କରୁଛନ୍ତି । ବର୍ଷକୁ ବର୍ଷ ଆସିକା ଚିନିକଳର ଉତ୍ପାଦନ କମିବାରେ ଲାଗିଛି । ଗୋଟିଏ ସମୟରେ ଆସିକା ଚିନିକଳ ପାଇଁ ୫ ହଜାରରୁ ଅଧିକ ଚାଷୀ ଆଖୁ ଯୋଗାଇଥିଲେ ଏବଂ ଏହା ଲାଭରେ ବି ଚାଲୁଥିଲା । ଚାଷୀମାନେ ବି ଆଖୁ ବିକ୍ରୟ କରି ବେଶ୍ ଲାଭବାନ ହେଉଥିଲେ । ୨୦୨୩-୨୪ ବର୍ଷ ବେଳକୁ ଏହି ଚିନିକଳକୁ ଆଖୁ ଯୋଗାଉଥିବା ଚାଷୀଙ୍କ ସଂଖ୍ୟା ୧୪୬୭କୁ ହ୍ରାସ ପାଇଥିବାବେଳେ ତାହା କମିକମି ଗତ ଆର୍ଥିକ ବର୍ଷରେ ୧୧୧୭ରେ ସୀମିତ ଥିଲା ବୋଲି ସରକାରୀ ତଥ୍ୟରୁ ଜଣାପଡିଛି । ସେହିଭଳି ୨୦୨୩-୨୪ ବର୍ଷରେ ଆସିକା ଚିନିକଳରେ ୪୯, ୨୫୫ ମେଟ୍ରିକ ଟନ୍ ଆଖୁ ପେଡ଼ାଯାଇ ୩୮,୯୩୬ କ୍ୱିଣ୍ଟାଲ ଚିନି ଉତ୍ପାଦନ କରାଯାଇଥିଲା। ୨୦୨୫-୨୬ ବର୍ଷରେ ଏଠାରେ ୨୧, ୧୦୭ ମେଟ୍ରିକ୍ ଟନ୍ ଆଖୁ ପେଡ଼ାଯାଇ ମାତ୍ର ୧୩,୦୨୮ କ୍ୱିଣ୍ଟାଲ ଚିନି ଉତ୍ପାଦିତ ହୋଇଥିଲା। ଦୁଇବର୍ଷ ଭିତରେ ଏଠାରେ ଆଖୁ ଚାଷ କରାଯାଉଥିବା ଜମିର ପରିମାଣ ୨୧୫୩ ଏକରରୁ ୧୨୧୯ ଏକରକୁ କମିଛି । ମୋଟାମୋଟି ଭାବେ ଆସିକାରେ ଏବେ ଗୋଟିଏ ବିଷ୍ଟାଲ ଆଖୁରୁ ମାତ୍ର ୭ କିଲୋ ଚିନି ଉତ୍ପାଦିତ ହେଉଥିବା କୁହାଯାଉଛି। ଏଭଳି ଧାରା ଅବ୍ୟାହତ ରହିଲେ ନୟାଗଡ଼, ବଡ଼ମ୍ବା, ବରଗଡ଼ ଓ ବଲାଙ୍ଗୀରର ସମବାୟ ଚିନିକଳ ଭଳି ଆସିକା ଚିନିକଳର ବି ଅପମୃତ୍ୟୁ ହେବା ଆଶଙ୍କା କରାଯିବା ସ୍ୱାଭାବିକ। ଏଠାରେ ଉଲ୍ଲେଖନୀୟ ଯେ ନବକୃଷ୍ଣ ଚୌଧୁରୀଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ବରଗଡ଼ର ତୋରାଠାରେ। ଆରମ୍ଭ କରାଯାଇଥିବା ସମବାୟ ଚିନିକଳ ପରିଚଳାନାଗତ ତୃଟିଯୋଗୁ ୨୦୧୭ ମସିହାରୁ ବନ୍ଦ ହୋଇପଡିଛି । ସେହିଭଳି ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ୧୯୮୨ ମସିହାରେ ଆରମ୍ଭ କରାଯାଇଥିବା ବଡ଼ମ୍ବା ସମବାୟ ଚିନିକଳ ୩୦ ବର୍ଷ ଚାଲି ୨୦୧୨ ରୁ ଅଚଳ ହୋଇ ପଡିଛି। ବିଜୁ ପଟ୍ଟନାୟକଙ୍କ ସରକାର ସମୟରେ ୧୯୯୦ରେ ଆରମ୍ଭ ହୋଇଥିବା ନୟାଗଡ଼ ଚିନିକଳ ୨୦୧୫ରେ ଓ ୧୯୯୨ରେ ଆରମ୍ଭ ହୋଇଥିବା ବଲାଙ୍ଗୀରର ବିଜୟାନନ୍ଦ ସମବାୟ ଚିନିକଳ ୨୦୧୪ ମସିହାରୁ ବନ୍ଦ ହୋଇପଡିଛି । ମୋଟାମୋଟି ଭାବେ ୨୦୧୨ରୁ ୨୦୧୭ ମଧ୍ୟରେ ଏହି ୪ଟିଯାକ ଚିନିକଳ ପରିଚାଳନାଗତ ଅବ୍ୟବସ୍ଥା ଯୋଗୁ ବନ୍ଦ ହୋଇଥିଲା । ଏଥିଯୋଗୁ ଆଖୁ ଚାଷୀମାନେ କ୍ଷତିଗ୍ରସ୍ତ ହେବା ସଂଗେସଂଗେ ଚିନିକଳରେ ନିଯୁକ୍ତ ଶ୍ରମିକ ଓ କର୍ମଚାରୀମାନେ ମଧ୍ୟ କାମଧନ୍ଦା ହରାଇଥିଲେ । ବରଗଡ଼ର ତୋରାଠାରେ ଥିବା ସମବାୟ ଚିନିକଳର ଆଇନ୍‌ଗତ ସମାପନ ହୋଇଯାଇଥିବାରୁ ଏହା ଆଉ ପୁନର୍ଜୀବନ ଲାଭ କରିବା ସମ୍ଭାବନା ନାହିଁ । ନୟାଗଡ଼, ବଡମ୍ବା ଓ ବଲାଙ୍ଗୀର ସମବାୟ ଚିନିକଳଗୁଡ଼ିକୁ ପୁନର୍ଜୀବିତ କରିବା ପାଇଁ ବାରମ୍ବାର କୁହାଯାଉଛି ।

## ସମବାୟ ସଦସ୍ୟତା ମହାଅଭିଯାନ 'ସମ୍ବନ୍ଧ'ର ଶୁଭାରମ୍ଭ

ଭବାନୀପାଟଣା: ସ୍ଥାନୀୟ ଟାଉନ ହଲ ଠାରେ ସମବାୟ ସଦସ୍ୟତା ମହାଅଭିଯାନ 'ସମ୍ବନ୍ଧ' କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି । କୃଷି ଶିକ୍ଷାସଦନ, ଭୁବନେଶ୍ୱର ଠାରେ ଅନୁଷ୍ଠିତ 'ସମ୍ବନ୍ଧ'ର ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ରାଜ୍ୟର ବିଭିନ୍ନ ସ୍ଥାନରେ ନୂତନ ନିର୍ମିତ ଧାନମଣ୍ଡି ଓ ଅନ୍ୟାନ୍ୟ ଭିତିଭୂମିର ଭିତ୍ତି ପ୍ରସ୍ତର ସ୍ଥାପନ ଓ ଲୋକାର୍ପଣ କାର୍ଯ୍ୟକ୍ରମକୁ ଟାଉନ ହଲରେ ଉପସ୍ଥିତ ସମସ୍ତ ଅତିଥି, ସମବାୟ ସମିତି ସଭାପତି, ପରି ଚାଳନା ପରି ଷଦ ସଦସ୍ୟ,ସମ୍ପାଦକ ତଥା ଅଗ୍ରଣୀ କୃଷକମାନେ ଆଭାସୀ ମାଧ୍ୟମରେ ଦେଖିଥିଲେ । ଟାଉନ ହଲ ଠାରେ ଅନୁଷ୍ଠିତ ଏହି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର କୁମାର ସିଂହଦେଓ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟ ମଞ୍ଚାସୀନ ଅତିଥିମାନଙ୍କ ମଧରେ ସାଂସଦଙ୍କ ପ୍ରତିନିଧି ଶକ୍ତି ରଞ୍ଜନ ଶତପଥୀ, ଭାରପ୍ରାପ୍ତ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ଅଜିତ କୁମାର ମହାପାତ୍ର, ଓଡ଼ିଶ ସହକାରୀ ନିବନ୍ଧକ କଳାହାଣ୍ଡି ଅଜିତ କୁମାର ବଗର୍ତୀ, ସହକାରୀ ମହାସମୀକ୍ଷକ, କଳାହାଣ୍ଡି ମଣ୍ଡଳ ଓ ଅନ୍ୟାନ୍ୟ ସମବାୟ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ଉପନିବନ୍ଧକ, ସମବାୟ ସମିତି ସ୍ୱରୂପ କୁମାର କର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ସମବାୟ ସଦସ୍ୟତା 'ସମ୍ବନ୍ଧ'ର ଶୁଭାରମ୍ଭ ଶ୍ରୀଯୁକ୍ତ ପ୍ରଦିପ ବଳ ଜାଗକୁ ମହାଅଭିଯାନ 'ସମ୍ବନ୍ଧ'ର ଉଦ୍ଦେଶ୍ୟ ହେଉଛି ରାଜ୍ୟର ସମବାୟ ସଂସ୍ଥା ଗୁଡ଼ିକରେ ଅଧିକରୁ ଅଧିକ ସଦସ୍ୟତାକୁ ବିସ୍ତାର କରିବା, ପ୍ରାଥମିକ କୃଷି ସମବାୟ ସମିତି, ଲ୍ୟାମ୍ପସ୍‌କୁ ସୁଦୃଢ଼ କରିବା ଓ ସମବାୟ ଆନ୍ଦୋଳନରେ ମହିଳା ଓ ଗ୍ରାମୀଣ ଯୁବବର୍ଗଙ୍କ ସହଭାଗିତାକୁ ବୃଦ୍ଧି କରିବା । ସଦସ୍ୟତାରୁ ବଞ୍ଚିତ ପରିବାର ଚିହ୍ନଟ ଓ ଯୋଗଦାନ କରାଯିବ ।

# ସମବାୟ ସଦସ୍ୟତା ଅଭିଯାନ 'ସମ୍ବନ୍ଧ'

## ସମବାୟ ଆନ୍ଦୋଳନକୁ ଜନଆନ୍ଦୋଳନରେ ପରିଣତ କରିବାର ଏକ ସାର୍ଥକ ପ୍ରୟାସ

ସମବାୟ ହେଉଛି ସହଯୋଗ, ସହଭାଗିତା ଓ ସାମୂହିକ ଉନ୍ନତିର ଏକ ଶକ୍ତିଶାଳୀ ମାଧ୍ୟମ। ଏହା କେବଳ ଏକ ଆର୍ଥିକ ବ୍ୟବସ୍ଥା ନୁହେଁ, ବରଂ ଏହା ମଣିଷ ମଧ୍ୟରେ ସହଯୋଗ, ବିଶ୍ୱାସ, ସମାନତା ଓ ଦାୟିତ୍ୱବୋଧର ଏକ ସାମାଜିକ ସେତୁ। "ଏକା ମଣିଷ ଅସହାୟ, କିନ୍ତୁ ସମୂହ ଶକ୍ତିଶାଳୀ"—ସମବାୟର ମୂଳ ଦର୍ଶନ ଏହି ଚିନ୍ତାଧାରା ଉପରେ ଆଧାରିତ। ଗ୍ରାମୀଣ ଅର୍ଥନୀତିରୁ ଆରମ୍ଭ କରି କୃଷି, ଦୁଗ୍ଧ, ମତ୍ସ୍ୟ, ହସ୍ତଶିଳ୍ପ, କ୍ଷୁଦ୍ର ଉଦ୍ୟୋଗ, ଋଣ ବ୍ୟବସ୍ଥା ଓ ବଜାର ସଂଯୋଗ ପର୍ଯ୍ୟନ୍ତ ସମବାୟର ଭୂମିକା ଅତ୍ୟନ୍ତ ବ୍ୟାପକ।

ଏହି ପରିପ୍ରେକ୍ଷିତରେ ସମବାୟ ସଦସ୍ୟତା ବୃଦ୍ଧି ଓ ସାଧାରଣ ଲୋକଙ୍କୁ ସମବାୟ ଆନ୍ଦୋଳନ ସହ ଯୋଡ଼ିବା ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିବା 'ସମ୍ବନ୍ଧ' ସଦସ୍ୟତା ଅଭିଯାନ ଏକ ଗୁରୁତ୍ୱପୂର୍ଣ୍ଣ ଓ ସମୟୋପଯୋଗୀ ପଦକ୍ଷେପ। 'ସମ୍ବନ୍ଧ' ଶବ୍ଦଟି ନିଜେ ଏହି ଅଭିଯାନର ମୂଳ ଲକ୍ଷ୍ୟକୁ ପ୍ରତିଫଳିତ କରେ। ସମବାୟ ସଂସ୍ଥା ଓ ଜନସାଧାରଣଙ୍କ ମଧ୍ୟରେ ଥିବା ଦୂରତାକୁ ହ୍ରାସ କରି ଏକ ଦୃଢ଼, ସକ୍ରିୟ ଓ ଦୀର୍ଘସ୍ଥାୟୀ ସମ୍ପର୍କ ସ୍ଥାପନ କରିବା ହେଉଛି ଏହାର ମୂଳ ଆବଶ୍ୟକତା।

କୌଣସି ସମବାୟ ସଂସ୍ଥାର ପ୍ରକୃତ ଶକ୍ତି ହେଉଛନ୍ତି ତାହାର ସଦସ୍ୟମାନେ। ସଦସ୍ୟ ନଥିଲେ ସମବାୟର ଅସ୍ତିତ୍ୱ ଅର୍ଥହୀନ। କିନ୍ତୁ କେବଳ ସଦସ୍ୟ ସଂଖ୍ୟା ବଢ଼ାଇଦେଲେ ହିଁ ସମବାୟ ଶକ୍ତିଶାଳୀ ହୁଏ ନାହିଁ। ସଦସ୍ୟମାନଙ୍କୁ ସମବାୟର ନୀତି, ଅଧିକାର, କର୍ତ୍ତବ୍ୟ ଓ ସୁବିଧା ସମ୍ପର୍କରେ ସଚେତନ କରିବା ସହିତ ସେମାନଙ୍କୁ ସକ୍ରିୟ ଭାବରେ ସମବାୟ କାର୍ଯ୍ୟକଳାପରେ ସାମିଲ କରିବା ଅତ୍ୟନ୍ତ ଜରୁରୀ।

ଅନେକ ସ୍ଥାନରେ ସମବାୟ ସଂସ୍ଥା ଥିଲେ ମଧ୍ୟ ସାଧାରଣ ଲୋକ ଏହାର ସମ୍ପୂର୍ଣ୍ଣ ସୁବିଧା ସମ୍ପର୍କରେ ଅବଗତ ନୁହନ୍ତି। କେହି ସମବାୟକୁ କେବଳ ଋଣ ପାଇବାର ଏକ ମାଧ୍ୟମ ବୋଲି ଭାବନ୍ତି, ଆଉ କେହି ସମବାୟ ସଂସ୍ଥାର କାର୍ଯ୍ୟପ୍ରଣାଳୀ ଓ ସଦସ୍ୟ ଭାବେ ନିଜ ଭୂମିକା ବିଷୟରେ ଅଜ୍ଞାତ ରହିଯାଆନ୍ତି। ଏପରି ପରିସ୍ଥିତିରେ 'ସମ୍ବନ୍ଧ' ଭଳି ଅଭିଯାନ ଲୋକଙ୍କ ମଧ୍ୟରେ ନୂଆ ସଚେତନତା ସୃଷ୍ଟି କରିପାରିବ। ଆଜିର ଯୁଗରେ ଅର୍ଥନୀତି ଦ୍ରୁତ ଗତିରେ ପରିବର୍ତ୍ତିତ ହେଉଛି। ଡିଜିଟାଲ ପ୍ରଯୁକ୍ତି, ଅନଲାଇନ ବଜାର, ଇ-କମର୍ସ, ଡିଜିଟାଲ ପେମେଣ୍ଟ ଓ ଆଧୁନିକ ବ୍ୟବସାୟ ପଦ୍ଧତି ଲୋକଙ୍କ ଜୀବନ ଓ ବ୍ୟବସାୟର ଧାରାକୁ ପରିବର୍ତ୍ତନ କରିଦେଇଛି। ଏଭଳି ସମୟରେ ସମବାୟ ସଂସ୍ଥାଗୁଡ଼ିକୁ ମଧ୍ୟ ନିଜକୁ ଆଧୁନିକ ଓ ଲୋକାଭିମୁଖୀ କରିବାକୁ ହେବ।

ଏଥିପାଇଁ ସମବାୟ ଓ ସାଧାରଣ ଲୋକଙ୍କ ମଧ୍ୟରେ ଏକ ନୂଆ ସମ୍ପର୍କ ଗଢ଼ିଉଠିବା ଆବଶ୍ୟକ। 'ସମ୍ବନ୍ଧ' ଏହି ଆବଶ୍ୟକତାକୁ ପୂରଣ କରିବାର ଏକ ଉଦ୍ୟମ ହୋଇପାରେ। ଏହା ମାଧ୍ୟମରେ କେବଳ ନୂଆ ସଦସ୍ୟ ଯୋଡ଼ାଯିବେ ନାହିଁ, ବରଂ ପୁରୁଣା ସଦସ୍ୟମାନଙ୍କୁ ମଧ୍ୟ ପୁନଃ ସକ୍ରିୟ କରିବାର ସୁଯୋଗ ସୃଷ୍ଟି ହେବ।

ଓଡ଼ିଶାର ଅର୍ଥନୀତିର ଏକ ବଡ଼ ଅଂଶ ଗ୍ରାମୀଣ ଅର୍ଥନୀତି ସହ ଜଡ଼ିତ। କୃଷକ, ମତ୍ସ୍ୟଜୀବୀ, ଦୁଗ୍ଧ ଉତ୍ପାଦକ, ମହିଳା ସ୍ୱୟଂସହାୟକ ଗୋଷ୍ଠୀ, କାରିଗର ଓ କ୍ଷୁଦ୍ର ବ୍ୟବସାୟୀଙ୍କ ଆର୍ଥିକ ସଶକ୍ତିକରଣରେ ସମବାୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇପାରେ।

କୃଷକଙ୍କ ପାଇଁ ସମବାୟ ମାଧ୍ୟମରେ ଋଣ, ବିହନ, ସାର, କୃଷି ଉପକରଣ ଓ ବଜାର ସୁବିଧା ଉପଲବ୍ଧ ହୋଇପାରେ। ଉତ୍ପାଦକମାନେ ଏକାଠି ହୋଇ ବଡ଼ ପରିମାଣରେ ଉତ୍ପାଦନ ଓ ବିକ୍ରୟ କଲେ ଦରଦାମରେ ଭଲ ସ୍ଥିତି ହାସଲ କରିପାରିବେ। ଏହା ମଧ୍ୟସ୍ଥଙ୍କ ଉପରେ ନିର୍ଭରଶୀଳତା କମାଇପାରେ।

ତେଣୁ 'ସମ୍ବନ୍ଧ' ଅଭିଯାନକୁ କେବଳ ସଦସ୍ୟତା ଅଭିଯାନ ଭାବେ ନଦେଖି ଏହାକୁ ଗ୍ରାମୀଣ ଆର୍ଥିକ ସଶକ୍ତିକରଣର ଏକ ମାଧ୍ୟମ ଭାବେ ଦେଖିବା ଆବଶ୍ୟକ।


●ମୋନାଲିସା ଦାସ

ସମବାୟର ଭବିଷ୍ୟତ ଯୁବପିଢ଼ିଙ୍କ ସହ ସିଧାସଳଖ ଜଡ଼ିତ। ଆଜିର ଯୁବକ ଓ ଯୁବତୀମାନେ ପ୍ରଯୁକ୍ତିଜ୍ଞାନରେ ଆଗୁଆ। ସେମାନଙ୍କର ନୂତନ ଚିନ୍ତାଧାରା, ଉଦ୍ୟମୀ ମନୋଭାବ ଓ ଡିଜିଟାଲ ଦକ୍ଷତା ସମବାୟକୁ ଏକ ନୂଆ ଦିଗ ଦେଇପାରେ। ଯୁବମାନଙ୍କୁ ସମବାୟ ସଦସ୍ୟ କରିବା ସହିତ ସେମାନଙ୍କୁ ସମବାୟର ନେତୃତ୍ୱ ଓ ପରିଚାଳନାରେ ଅଧିକ ସୁଯୋଗ ଦେବା ଆବଶ୍ୟକ। ଷ୍ଟାର୍ଟଅପ୍, କୃଷି-ଉଦ୍ୟମ, ଫୁଡ୍ ପ୍ରୋସେସିଂ, ଇ-କମର୍ସ ଓ ଡିଜିଟାଲ ମାର୍କେଟିଂ ଭଳି କ୍ଷେତ୍ରରେ ସମବାୟ ଆଧାରିତ ଉଦ୍ୟମ ଯୁବପିଢ଼ି ପାଇଁ ନୂଆ ରୋଜଗାର ସୁଯୋଗ ଖୋଲିପାରେ। 'ସମ୍ବନ୍ଧ' ଏହି ଯୁବଶକ୍ତିକୁ ସମବାୟ ସହ ଯୋଡ଼ିବାର ଏକ ମଞ୍ଚ ହେବା ଦରକାର। ମହିଳାମାନଙ୍କ ଆର୍ଥିକ ସ୍ୱାଧୀନତା ବିନା ସମାଜର ସମ୍ପୂର୍ଣ୍ଣ ବିକାଶ ସମ୍ଭବ ନୁହେଁ। ଦୁଗ୍ଧ ଉତ୍ପାଦନ, ମତ୍ସ୍ୟଚାଷ, ହସ୍ତଶିଳ୍ପ, ହସ୍ତତନ୍ତ, ଖାଦ୍ୟ ପ୍ରକ୍ରିୟାକରଣ ଓ କ୍ଷୁଦ୍ର ବ୍ୟବସାୟ ଭଳି କ୍ଷେତ୍ରରେ ମହିଳା ସମବାୟ ଗଠନ କରି ସେମାନଙ୍କ ଆୟ ବଢ଼ାଇପାରିବ।

ମହିଳାଙ୍କୁ ସମବାୟର ସଦସ୍ୟ କରିବା ମାନେ କେବଳ ସଦସ୍ୟ ସଂଖ୍ୟା ବଢ଼ାଇବା ନୁହେଁ; ଏହା ପରିବାରର ଆର୍ଥିକ ନିଷ୍ପତ୍ତିରେ ମହିଳାଙ୍କ ଭୂମିକାକୁ ମଧ୍ୟ ଶକ୍ତିଶାଳୀ କରିବ। ତେଣୁ 'ସମ୍ବନ୍ଧ' ଅଭିଯାନରେ ମହିଳାଙ୍କ ଅଧିକ ସକ୍ରିୟ ଅଂଶଗ୍ରହଣ ନିଶ୍ଚିତ କରିବା ଆବଶ୍ୟକ।

ସମବାୟର ସଦସ୍ୟ ହେବା କେବଳ ସୁବିଧା ପାଇବାର ଅଧିକାର ନୁହେଁ। ଏହା ସହିତ କିଛି ଦାୟିତ୍ୱ ମଧ୍ୟ ଜଡ଼ିତ। ସଦସ୍ୟମାନେ ସଂସ୍ଥାର କାର୍ଯ୍ୟକଳାପ ସମ୍ପର୍କରେ ଜାଣିବା, ସଭାରେ ଅଂଶଗ୍ରହଣ କରିବା, ସଂସ୍ଥାର ନିୟମ ପାଳନ କରିବା ଓ ଏହାର ସ୍ୱଚ୍ଛତା ଓ ଜବାବଦେହିତା ନିଶ୍ଚିତ କରିବାରେ ସହଯୋଗ କରିବା ଆବଶ୍ୟକ। ଏକ ସକ୍ରିୟ ସଦସ୍ୟ ହିଁ ଏକ ସକ୍ରିୟ ସମବାୟ ଗଢ଼ିପାରେ। ତେଣୁ 'ସମ୍ବନ୍ଧ'ର ଲକ୍ଷ୍ୟ କେବଳ "ଅଧିକ ସଦସ୍ୟ" ନୁହେଁ, ବରଂ "ଅଧିକ ସଚେତନ ଓ ସକ୍ରିୟ ସଦସ୍ୟ" ହେବା ଉଚିତ।

ସମବାୟ ସଂସ୍ଥା ପ୍ରତି ଲୋକଙ୍କ ବିଶ୍ୱାସ ହେଉଛି ଏହାର ସବୁଠାରୁ ବଡ଼ ସମ୍ପଦ। ଏହି ବିଶ୍ୱାସକୁ ଅକ୍ଷୁଣ୍ଣ ରଖିବା ପାଇଁ ସମବାୟ ପରିଚାଳନାରେ ସ୍ୱଚ୍ଛତା, ଜବାବଦେହିତା ଓ ଗଣତାନ୍ତ୍ରିକ ପଦ୍ଧତି ନିଶ୍ଚିତ କରିବା ଦରକାର। ସଦସ୍ୟମାନେ ସଂସ୍ଥାର ଆର୍ଥିକ ସ୍ଥିତି, କାର୍ଯ୍ୟକଳାପ ଓ ଭବିଷ୍ୟତ ଯୋଜନା ବିଷୟରେ ସହଜ ଭାଷାରେ ସୂଚନା ପାଇବା ଉଚିତ। ଡିଜିଟାଲ ପ୍ରଯୁକ୍ତିର ସହାୟତାରେ ସୂଚନା ଉପଲବ୍ଧ କରାଯାଇପାରିଲେ ସଦସ୍ୟମାନଙ୍କ ଆସ୍ଥା ଆହୁରି ବଢ଼ିବ। ଆଜିର ଡିଜିଟାଲ ଯୁଗରେ ସମବାୟ ଆନ୍ଦୋଳନକୁ ମଧ୍ୟ ଡିଜିଟାଲ ରୂପାନ୍ତରଣ ଦିଗରେ ଆଗେଇବାକୁ ହେବ। ଅନଲାଇନ ସଦସ୍ୟତା, ଡିଜିଟାଲ ରେକର୍ଡ, ଅନଲାଇନ ଦେୟ, ଡିଜିଟାଲ ହିସାବ ଓ ଅନଲାଇନ ବଜାର ସଂଯୋଗ ସମବାୟ ସଂସ୍ଥାଗୁଡ଼ିକୁ ଅଧିକ ଦକ୍ଷ କରିପାରେ।

'ସମ୍ବନ୍ଧ' ଅଭିଯାନରେ ଡିଜିଟାଲ ମାଧ୍ୟମର ବ୍ୟବହାର ବ୍ୟାପକ କରାଯିବା ଉଚିତ। ସୋସିଆଲ ମିଡିଆ, ମୋବାଇଲ ଆପ୍, ଡିଜିଟାଲ ପ୍ରଚାର ଓ ଅନଲାଇନ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ଯୁବପିଢ଼ି ଓ ସହରାଞ୍ଚଳର ଲୋକଙ୍କୁ ମଧ୍ୟ ଯୋଡ଼ାଯାଇପାରିବ। ଆତ୍ମନିର୍ଭର ଭାରତ ଓ ଆତ୍ମନିର୍ଭର ଓଡ଼ିଶା ଗଠନରେ ସମବାୟର ଅବଦାନ ଅପାର ହୋଇପାରେ। ସ୍ଥାନୀୟ ଉତ୍ପାଦକମାନେ ଏକାଠି ହୋଇ ଉତ୍ପାଦନ, ପ୍ରକ୍ରିୟାକରଣ, ପ୍ୟାକେଜିଂ ଓ ବଜାରଜାତକରଣ କଲେ ସ୍ଥାନୀୟ ଅର୍ଥନୀତି ଶକ୍ତିଶାଳୀ ହେବ।

"ସ୍ଥାନୀୟ ପାଇଁ ସ୍ୱର" ଧାରଣାକୁ ସମବାୟ ମାଧ୍ୟମରେ ଆହୁରି ଶକ୍ତିଶାଳୀ କରାଯାଇପାରେ। ଓଡ଼ିଶାର କୃଷିଜାତ, ହସ୍ତଶିଳ୍ପ, ହସ୍ତତନ୍ତ ଓ ଗ୍ରାମୀଣ ଉତ୍ପାଦକୁ ସମବାୟ ମାଧ୍ୟମରେ ଜାତୀୟ ଓ ଆନ୍ତର୍ଜାତୀୟ ବଜାରରେ ପହଞ୍ଚାଇବାର ସୁଯୋଗ ରହିଛି। 'ସମ୍ବନ୍ଧ' ଅଭିଯାନକୁ ସଫଳ କରିବା ପାଇଁ ପ୍ରଥମେ ଲୋକଙ୍କ ନିକଟକୁ ଯିବାକୁ ହେବ। କାର୍ଯ୍ୟାଳୟରେ ବସି ସଦସ୍ୟତା ବୃଦ୍ଧିର ଲକ୍ଷ୍ୟ ରଖିଲେ ଏହି ଅଭିଯାନର ପ୍ରକୃତ ଉଦ୍ଦେଶ୍ୟ ପୂରଣ ହେବ ନାହିଁ। ଗ୍ରାମ, ପଞ୍ଚାୟତ, ହାଟ, ବଜାର, ଶିକ୍ଷାନୁଷ୍ଠାନ ଓ ଉତ୍ପାଦନ କେନ୍ଦ୍ର ପର୍ଯ୍ୟନ୍ତ ପହଞ୍ଚି ସଚେତନତା ସୃଷ୍ଟି କରିବାକୁ ହେବ।

ସଦସ୍ୟତା ପ୍ରକ୍ରିୟାକୁ ସରଳ, ସ୍ୱଚ୍ଛ ଓ ସହଜ କରିବା ଦରକାର। ନୂଆ ସଦସ୍ୟଙ୍କୁ କେବଳ ଫର୍ମ ଦେଇ ସଦସ୍ୟ କରିଦେଲେ ଚଳିବ ନାହିଁ; ସଦସ୍ୟ ହେବା ପରେ ସେ କ'ଣ ସୁବିଧା ପାଇବେ, ତାଙ୍କର କ'ଣ ଅଧିକାର ରହିବ ଓ ସଂସ୍ଥା ପ୍ରତି ତାଙ୍କର କ'ଣ ଦାୟିତ୍ୱ ରହିବ—ସେ ବିଷୟରେ ମଧ୍ୟ ଜଣାଇବା ଆବଶ୍ୟକ।

ସମବାୟ ଆନ୍ଦୋଳନକୁ ଆଗକୁ ନେବାକୁ ହେଲେ ପୁରୁଣା ଅନୁଭବ ସହ ନୂଆ ପିଢ଼ିର ଚିନ୍ତାଧାରାକୁ ଯୋଡ଼ିବା ଆବଶ୍ୟକ। ପୁରୁଣା ସଦସ୍ୟଙ୍କ ଅଭିଜ୍ଞତା ଓ ଯୁବପିଢ଼ିର ପ୍ରଯୁକ୍ତିଜ୍ଞାନ—ଏହି ଦୁଇର ସମନ୍ୱୟ ହିଁ ସମବାୟକୁ ଆଗକୁ ନେଇ ପାରିବ। ସମବାୟ ନେତୃତ୍ୱରେ ଯୁବ ଓ ମହିଳାଙ୍କ ଅଂଶଗ୍ରହଣ ବୃଦ୍ଧି କରିବା ଦରକାର। ନୂତନ ଉଦ୍ୟମ, ନୂଆ ବଜାର ଓ ନୂଆ ପ୍ରଯୁକ୍ତିକୁ ଗ୍ରହଣ କରିବାରେ ଯୁବପିଢ଼ି ଅଗ୍ରଣୀ ଭୂମିକା ନେଇ ପାରିବ। ଯେକୌଣସି ଅଭିଯାନର ସଫଳତା ତାହାର ସଂଖ୍ୟାରେ ନୁହେଁ, ବରଂ ଏହା ଲୋକଙ୍କ ଜୀବନରେ କେତେ ପରିବର୍ତ୍ତନ ଆଣିପାରିଲା ତାହାରେ ନିର୍ଭର କରେ। 'ସମ୍ବନ୍ଧ' ଯଦି କେବଳ ନୂଆ ସଦସ୍ୟ ଯୋଡ଼ିବାର ଏକ ପ୍ରଶାସନିକ ଅଭିଯାନରେ ସୀମିତ ରହିଯାଏ, ତେବେ ଏହାର ଗଭୀର ଉଦ୍ଦେଶ୍ୟ ପୂରଣ ହେବ ନାହିଁ।

ଏହାକୁ ଏକ ସାମାଜିକ ଓ ଆର୍ଥିକ ସଂଯୋଗ ଅଭିଯାନରେ ପରିଣତ କରିବାକୁ ହେବ। ସଦସ୍ୟ ଓ ସମବାୟ ସଂସ୍ଥା ମଧ୍ୟରେ ବିଶ୍ୱାସ, ସହଯୋଗ ଓ ଦାୟିତ୍ୱର ସମ୍ପର୍କ ଗଢ଼ିଉଠିଲେ ହିଁ 'ସମ୍ବନ୍ଧ'ର ପ୍ରକୃତ ସଫଳତା ମିଳିବ।

ଏକପଟେ ପାରମ୍ପରିକ ସମବାୟ ବ୍ୟବସ୍ଥା ରହିଛି, ଅନ୍ୟପଟେ ଆଧୁନିକ ବଜାର, ଡିଜିଟାଲ ଅର୍ଥନୀତି ଓ ନୂଆ ପିଢ଼ିର ଆକାଂକ୍ଷା। ଏହି ଦୁଇକୁ ସମନ୍ୱୟ କରିବା ହେଉଛି ଆଜିର ବଡ଼ ଆହ୍ୱାନ। 'ସମ୍ବନ୍ଧ' ଏହି ଆହ୍ୱାନର ଏକ ଉପଯୁକ୍ତ ଉତ୍ତର ହୋଇପାରେ। ଏହି ଅଭିଯାନ ମାଧ୍ୟମରେ ଯଦି ଜଣେ କୃଷକ ନିଜ ଉତ୍ପାଦର ଉଚିତ ମୂଲ୍ୟ ପାଆନ୍ତି, ଜଣେ ମହିଳା ନିଜ ଉଦ୍ୟମକୁ ବଢ଼ାଇବାର ସୁଯୋଗ ପାଆନ୍ତି, ଜଣେ ଯୁବକ ନିଜ ଅଞ୍ଚଳରେ ରୋଜଗାର ସୃଷ୍ଟି କରିପାରନ୍ତି ଏବଂ ଜଣେ ସାଧାରଣ ନାଗରିକ ସମବାୟ ମାଧ୍ୟମରେ ଆର୍ଥିକ ଭାବେ ସଶକ୍ତ ହୋଇପାରନ୍ତି—ତେବେ 'ସମ୍ବନ୍ଧ' ନିଶ୍ଚିତ ଭାବରେ ଏକ ସାର୍ଥକ ଅଭିଯାନରେ ପରିଣତ ହେବ।

# ବାଲେଶ୍ୱର-ଭଦ୍ରକ ସମବାୟ ବ୍ୟାଙ୍କ: ୩୩୪ କୋଟି ଋଣ ଅନାଦେୟ

ବାଲେଶ୍ୱର: ଋଣ ଦେଲେ, ହେଲେ ଆଦାୟ କରିପାରିଲେନି ବର୍ଷବର୍ଷ ଧରି ଜଣ ଟଙ୍କା ସେମିତି ଅନାଦେୟ ହୋଇ ପଡ଼ିରହିଛି। ଓଟିଏସ୍ (ୱାନ୍ ଟାଇମ୍ ସେଟେଲମେଣ୍ଟ) ବ୍ୟବସ୍ଥା ଲାଗୁ ହେବା ପରେ ବି ସ୍ଥିତିରେ ବିଶେଷ ସୁଧାର ଆସିନାହିଁ। ବାଲେଶ୍ୱରରେ ଥିବା ବାଲେଶ୍ୱର-ଭଦ୍ରକ ଜିଲ୍ଲା କେନ୍ଦ୍ର ସମବାୟ (ବିବିସିସିବି) ବ୍ୟାଙ୍କରେ ଏବେ ୩୩୩ କୋଟି ବେଳେ ୧୬୦ରୁ ଅଧିକ ପ୍ରାଥମିକ କୃଷି ସେବା ସମବାୟ ସମିତି (ପ୍ୟାକ୍ସ) କାର୍ଯ୍ୟ କରୁଛି। ଋଣ ନଶୁଝିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ ଆବଶ୍ୟକ ତତ୍ପରତା ଦେଖାଉନଥିବା ଅଭିଯୋଗ ହେଉଛି। ଏହାର ପରିଣାମରେ ବର୍ଷକୁ ବର୍ଷ ଏନ୍‌ପିଏ ପରିମାଣ ବଢ଼ିଚାଲିଥିବା କୁହାଯାଉଛି। ରାଜ୍ୟବ୍ୟାପୀ ଏନ୍‌ପିଏ

ବ୍ୟାଙ୍କ କର୍ମଚାରୀଙ୍କ ପର୍ଯ୍ୟନ୍ତ ମିଳିମିଶି ଗୁଣ ଟଙ୍କା ଚଳୁ କରୁଥିବା ଅଭିଯୋଗ ହେଉଛି। ଋଣ ଦେବା ଓ ନେବା କ୍ଷେତ୍ରରେ ବ୍ୟାପକ ପିସି କାରବାର ଚାଲିଥିବା ନେଇ ମଧ୍ୟ ଅଭିଯୋଗ ରହିଛି। ବର୍ଷବର୍ଷ ଧରି କିଏ ପାଇଁ ତ କିଏ ଘର ପାଇଁ ଋଣ ନେଇଥିଲେ ତାହା ପରିଶୋଧ କରୁନାହାନ୍ତି। ଏପରିକି ଏଭଳି ଋଣଗ୍ରହୀତାଙ୍କ ମଧ୍ୟରୁ ଅନେକଙ୍କର ଚାଷ ମଧ୍ୟ ଓଟିଏସ୍ ପରେ ବି ସୁଧୁରୁନି ସ୍ଥିତି ୯୪ ଲକ୍ଷ ୯୨ ହଜାର ଟଙ୍କାର ଋଣ ଏଯିଏ ପ୍ରିୟାପ୍ରୀତି ତୋଷଣରେ ଋଣ ଦେଣନେଣ ହୋଇ ପଡ଼ିରହିଛି। ରାଜ୍ୟରେ ଏନ୍‌ପିଏ ପରିମାଣରେ ସମ୍ବଲପୁର କେନ୍ଦ୍ର ସମବାୟ ବ୍ୟାଙ୍କ ପରେ ବିବିସିସିବି ଦ୍ୱିତୀୟ ସ୍ଥାନରେ ରହିଛି। ସମବାୟ ବିଭାଗର ସର୍ବଶେଷ ତଥ୍ୟ ଅନୁସାରେ, ସମ୍ବଲପୁର କେନ୍ଦ୍ର ସମବାୟ ବ୍ୟାଙ୍କରେ ସର୍ବାଧିକ ୪୮୧ କୋଟି ଟଙ୍କାର ଋଣ ଅନାଦେୟ ଥିବା ବେଳେ ବିବିସିସିବିରେ ୩୩୩ କୋଟି ୯୪ ଲକ୍ଷ ୯୨ ହଜାର ଟଙ୍କା ଏନ୍‌ପିଏ ହୋଇରହିଛି। ତୃତୀୟ ସ୍ଥାନରେ ଥିବା ବଲାଙ୍ଗୀର ସମବାୟ ବ୍ୟାଙ୍କରେ ୨୪୨ କୋଟି ଟଙ୍କା ଋଣ ଅନାଦେୟ ରହିଛି। ବିବିସିସିବି ଅଧୀନରେ ବାଲେଶ୍ୱର ଜିଲ୍ଲାରେ ୧୪ଟି ବ୍ୟାଙ୍କ ଶାଖା ରହିଥିବା ବଢ଼ିବା ପରେ ଅନାଦେୟ ଋଣ ଆଦାୟ ପାଇଁ ଓଟିଏସ୍ ବ୍ୟବସ୍ଥା ଲାଗୁ କରିବାକୁ ଅନେକ ସମୟରେ ଦାବି ହୋଇଆସୁଥିଲା ୨୦୨୫ରୁ ଏ ନେଇ ମାର୍ଗଦର୍ଶିକା ମଧ୍ୟ ଜାରି କରାଯାଇଛି। ତେବେ ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ କ୍ଷେତ୍ରରେ ଏହି ବ୍ୟବସ୍ଥା ବିଶେଷ ସଫଳ ହୋଇନଥିବା ଜଣାପଡ଼ିଛି। ଋଣ ଯେମିତି ଏନ୍‌ପିଏ ହୋଇ ପଡ଼ିଥିଲା, ଏବେ ବି ସେମିତି ପଡ଼ିରହିଛି। ଅନ୍ୟପକ୍ଷରେ ତୃଣମୂଳସ୍ତରରେ ସ୍ଥାନୀୟ ନେତା ପ୍ୟାକ୍ସ କର୍ତ୍ତୃପକ୍ଷଙ୍କଠାରୁ ଆରମ୍ଭ କରି ସମବାୟ ଓଟିଏମ୍ ଇତିମଧ୍ୟରେ ମୃତ୍ୟୁ ହୋଇସାରିଥିବା ଆଶଙ୍କା କରାଯାଉଛି । ଫଳରେ ଋଣ ଟଙ୍କା ବର୍ଷକୁ ବର୍ଷ ଚାଲିଥିବା କୁହାଯାଉଛି। ଏ ସମ୍ପର୍କରେ ବାଲେଶ୍ୱର ଭଦ୍ରକ ସମବାୟ ସିଇଓ କୈଳାସ ଚନ୍ଦ୍ର ଶବରଙ୍କୁ ପଚାରିବାରୁ ପାଇଁ ସମ୍ପୃର ପ୍ୟାକ୍ସଗୁଡ଼ିକର ଆର୍ଥିକ ସ୍ଥିତି ମଜଭୁତ ରହିବା ଆବଶ୍ୟକ ବୋଲି ସେ କହିଛନ୍ତି। ସରକାର ଓଟିଏମ୍ ବ୍ୟବସ୍ଥା ଆରମ୍ଭ କରିଥିଲେ ମଧ୍ୟ ପ୍ୟାକ୍ସଗୁଡ଼ିକର ଅର୍ଥିକ ଅବସ୍ଥା ଭଲ ନଥିବାରୁ ସେମାନେ ଋଣଗ୍ରହୀତାଙ୍କୁ ଓଟିଏସ୍ ସୁବିଧା ଦେବାକୁ ଆଗ୍ରହୀ ହେଉନାହାନ୍ତି। ବିବିସିସିବି ଅଧୀନରେ ଅଧିକ ଋଣ କାରବାର ହେଉଥିବାରୁ ଏନ୍‌ପିଏ ମଧ୍ୟ ଅଧିକ ହୋଇଛି। ଋଣ ଆଦାୟ ହୋଇନପାରିବା ପଛରେ ନାନା କାରଣ ରହିଥିବା ସେ ସ୍ୱୀକାର କରିଛନ୍ତି।

ପ୍ରଥମ ପୃଷ୍ଠାରୁ...

## ଦୁର୍ନୀତିଖୋରଙ୍କୁ ସୁରକ୍ଷା...

ଶ୍ରୀ ଦୋରା ନଜାଣି ତାଙ୍କ ଘରେ କାମ ହେଲା କେମିତି ? ସବୁଠାରୁ ଆଶ୍ଚର୍ଯ୍ୟ କଥା ତଦନ୍ତ କମିଟି ଯିବା ପରେ ଠିକାଦାର ବ୍ୟାଙ୍କ ପାଣ୍ଠିରୁ ନେଇଥିବା ଟଙ୍କା ଫେରାଇ ଦେଲେ । ଏହି ଘଟଣା କେବଳ ଚକ୍ରମା ଦେଖାଇବାକୁ ଉଦ୍ଦିଷ୍ଟ ବୋଲି ରିପୋର୍ଟରେ ଦର୍ଶାଗଲା।

ଅନ୍ୟ ଏକ ଅଭିଯୋଗ ଥିଲା ଦୋରାଙ୍କ ବିଦେଶ ଗସ୍ତକୁ ନେଇ । ଏହି ବିଦେଶ ଗସ୍ତ ପାଇଁ ଜାତୀୟ ରାଜ୍ୟ ସମବାୟ ବ୍ୟାଙ୍କ ମହାସଂଘ (ନାଫସ୍କର୍) ସମସ୍ତ ଖର୍ଚ୍ଚ ବହନ କରିଥିବାବେଳେ ଏବଂ ଏଥିନେଇ ସରକାରଙ୍କ ପକ୍ଷରୁ ସ୍ପଷ୍ଟ ଆଦେଶ ଜାରି ହୋଇଥିବା ସତ୍ତ୍ୱେ ନାଫସ୍କର୍‌ରୁ ଦୈନିକ ଭତ୍ତା ବାବଦରେ ଡଲାରରେ ନେବା ପରେ ପୁଣି ବ୍ୟାଙ୍କ ପାଣ୍ଠିରୁ ଶ୍ରୀ ଦୋରା ୧ଲକ୍ଷ ୮୬ ହଜାର ୫୫୫ ଟଙ୍କା ଓ ଏମିତି ୧ଲକ୍ଷ ୮୧ ହଜାର ୪୨୬ ଟଙ୍କା ଉଠାଇ ନେଇଥିଲେ। ତଦନ୍ତ ବେଳେ ଏହା ସ୍ପଷ୍ଟ ହେବା ପରେ ଏହାକୁ ଲୋକଙ୍କ ଅର୍ଥ ଆତ୍ମସାତ୍ ଘଟଣା ବୋଲି ଦର୍ଶାଯାଇ ତୁରନ୍ତ ଏହି ଟଙ୍କା ବ୍ୟାଙ୍କକୁ ଫେରାଇବା ସହ ଉପଯୁକ୍ତ ଅପରାଧିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସୁପାରିସ କରାଯାଇଥିଲା। ମୋଟ ଉପରେ ଶ୍ରୀ ବଡ଼େଜନା ଆଗତ କରିଥିବା ତିନୋଟିଯାକ ଅଭିଯୋଗ ଉଚ୍ଚସ୍ତରୀୟ ତଦନ୍ତ ବେଳେ ସାବ୍ୟସ୍ତ ହୋଇଥିଲା । ତଦନ୍ତ ସରି ରିପୋର୍ଟ ଦାଖଲ ହେଲାବେଳକୁ ସରକାର ବଦଳି ଯାଇଥିଲା । ଏହି ତଦନ୍ତ ରିପୋର୍ଟ ମନ୍ତ୍ରୀଙ୍କ ବାଟ ଦେଇ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଆଗରେ ଉପସ୍ଥାପିତ ହୋଇଥିଲା। ସେ ତା'ର ବିଧିବଦ୍ଧ ଅନୁମୋଦନ ଦେଇଥିଲେ। ଯେହେତୁ ଆଇନ୍ ଉପରେ କେହି ନୁହନ୍ତି, ତେଣୁ ସରକାର ତତ୍ପରତାର ସହିତ ଆଇନାନୁଯାୟୀ ଅଭିଯୋଗ ସାବ୍ୟସ୍ତ ହୋଇଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସମବାୟବିତ୍‌ଙ୍କ ମହଲରେ ସ୍ୱାଭାବିକ ଆଶା କରାଯାଉଥିଲା। ଏହି ଘଟଣାରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହେଲେ ଅନୁରୂପ ଘଟଣାରେ ଅନ୍ୟମାନଙ୍କ ମଧ୍ୟରେ ଭୟ ସଂଚାର ହେବ ବୋଲି କୁହାଯାଉଥିଲା।

ସେତେବେଳେ ଏଜିସିଏସ୍ ଓ ସମବାୟ ରେଜିଷ୍ଟ୍ରାର୍ ଦାୟିତ୍ୱରେ ଥିଲେ ଜଣେ ସଜୋଟ ଓ ଦକ୍ଷ ଅଧିକାରୀ ଭାବେ ପରିଚିତ ପ୍ରଭୁକଲ୍ୟାଣ ପଟ୍ଟନାୟକ। ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ଆସିବା ମାତ୍ରେ ସେ ତୁରନ୍ତ ଶ୍ରୀ ଦୋରାଙ୍କ ସଭ୍ୟ ପଦ ରଦ୍ଦ ଲାଗି ଆଦେଶ ଦେବା ସହ ତାଙ୍କ ସ୍ଥାନରେ ସାନି ନିର୍ବାଚନ କରିବା ଲାଗି ସମବାୟ ନିର୍ବାଚନ କମିଶନଙ୍କୁ ସୁପାରିସ କରିଥିଲେ। ଏହା ଥିଲା ୨୦୨୪ ମସିହା ଅଗଷ୍ଟ ମାସର କଥା । ବ୍ୟାଙ୍କ ପରିଚାଳନା ନିର୍ଦ୍ଦେଶକ କେବଳ ସମବାୟ ରେଜିଷ୍ଟ୍ରାରଙ୍କ ଆଦେଶକୁ ସଂଲଗ୍ନ କରି ଶ୍ରୀ ଦୋରାଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଇଥିଲେ। ଶ୍ରୀ ଦୋରା ପରିଚାଳନା ନିର୍ଦ୍ଦେଶକଙ୍କ ଏହି ପତ୍ରକୁ ଚାଲେଞ୍ଜ କରି ହାଇକୋର୍ଟ ଯାଇଥିଲେ । ଏମିତି ତାଙ୍କର ଅଧସୁନ ହୋଇଥିବାବେଳେ ସେ କିପରି ତାଙ୍କ ପଦବୀକୁ ରଦ୍ଦ କରିବେ ବୋଲି ତାଙ୍କ ପିଟିସନ୍‌ରେ ଦର୍ଶାଇଥିଲେ । ତେବେ ସରକାରଙ୍କ ପକ୍ଷରୁ କୌଣସି ଅଦୃଶ୍ୟ କାରଣରୁ ଠିକ୍ ସମୟରେ ଉପଯୁକ୍ତ ତଥ୍ୟ ରଖାନଯିବାରୁ ରହିତାଦେଶ ଜାରି ହୋଇଥିଲା। ତେବେ ତାରିଖ ଗଡ଼ଗଡ଼ି ଗତ ମାସରେ ମାନ୍ୟବର ହାଇକୋର୍ଟ ଏହି ମାମଲା ଭିତରକୁ ନଯାଇ ଶ୍ରୀ ଦୋରାଙ୍କୁ ଅଯୋଗ୍ୟ ଘୋଷଣା ନେଇ ପରିଚାଳନା ନିର୍ଦ୍ଦେଶକ ଅବଗତ କରାଇଥିବା ଚିଠି ସଂପର୍କରେ ୮ ସପ୍ତାହ ମଧ୍ୟରେ ଫଇସଲା କରିବାକୁ ସମବାୟ ରେଜିଷ୍ଟ୍ରାରଙ୍କୁ ଯେ କେବଳ ଆଦେଶ ଦେଇଛନ୍ତି ତା'ନୁହେଁ, ଏହି ସମୟ ସୀମା ମଧ୍ୟରେ ସମବାୟ ରେଜିଷ୍ଟ୍ରାରଙ୍କ ପ୍ରଥମ ଶୁଣାଣି ତାରିଖ ପର୍ଯ୍ୟନ୍ତ କେବଳ ରହିତାଦେଶ ରହିବ, ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଲାଗି ସମବାୟ ରେଜିଷ୍ଟ୍ରାର୍ ସ୍ୱତନ୍ତ୍ର ବୋଲି ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି। ଇତିମଧ୍ୟରେ ମାନ୍ୟବର ହାଇକୋର୍ଟଙ୍କ ଆଦେଶର ୫ ସପ୍ତାହ ଅତିକ୍ରାନ୍ତ ହେଲାଣି। ଆଉ ମାତ୍ର ୩ ସପ୍ତାହ ବାକି। ଏଯାବତ୍ ପ୍ରଥମ ଶୁଣାଣି ହୋଇନାହିଁ । ସେପଟେ ବ୍ୟାଙ୍କ ପାଣ୍ଠିରୁ ଶ୍ରୀ ଦୋରାଙ୍କ ଘର କାମ ନେଇ ଟଙ୍କା ଫେରିଥିଲେ ମଧ୍ୟ କେଉଁ ପରିସ୍ଥିତିରେ ଓ କାହା ନିର୍ଦ୍ଦେଶରେ ତାଙ୍କ ଘରେ କାମ ହେଲା, ବ୍ୟାଙ୍କ ପାଣ୍ଠିରୁ କେଉଁ କେଉଁ ତାରିଖରେ ଟଙ୍କା ପୈଠ ହେଲା, ତଦନ୍ତ କମିଟି ବ୍ୟାଙ୍କକୁ ଯିବା ପରେ କେଉଁକେଉଁ ତାରିଖରେ କେଉଁ ପରିସ୍ଥିତିରେ ଟଙ୍କା ଫେରିଲା ? ତା'ର ଭିଜିଲାନ୍ସ ତଦନ୍ତ ହେଲେ ହିଁ ପ୍ରକୃତ ତଥ୍ୟ ସାମ୍ନାକୁ ଆସିବ। ସେହିପରି ୨୦୨୩ ମସିହାରେ ବିଦେଶ ଗସ୍ତ ଆଳରେ ନାଫ୍‌ସ୍କବ୍‌ରୁ ଦୈନିକ ଭତ୍ତା ନେଇ ପୁଣି ଦୈନିକ ଭତ୍ତା ବାବଦରେ ବ୍ୟାଙ୍କ ପାଣ୍ଠିରୁ ଟଙ୍କା ଉଠାଇବା ଏବଂ ତଦନ୍ତ ପରେ ଏହି ଅର୍ଥ ଆତ୍ମସାତ୍ ଘଟଣା ସାମ୍ନାକୁ ଆସିବା ପରେ ୨ବର୍ଷରୁ ଊର୍ଦ୍ଧ୍ୱ କାଳ ଧରି ଏହି ଟଙ୍କାକୁ ହାତେଇଥିବା ଶ୍ରୀ ଦୋରା ବିନା ସୁଧରେ ବ୍ୟାଙ୍କକୁ ଟଙ୍କା ଫେରାଇବା ଘଟଣାର ଭିଜିଲାନ୍ସ ତଦନ୍ତ ହେଲେ ହିଁ ଏହି ପ୍ରକ୍ରିୟାରେ ଶ୍ରୀ ଦୋରାଙ୍କ ସହ ଅନ୍ୟ କେଉଁମାନେ ସଂପୃକ୍ତ ତାହା ସ୍ପଷ୍ଟ ହେବ ବୋଲି ସମବାୟବିତ୍‌ମାନେ କହୁଛନ୍ତି ।

କିନ୍ତୁ ଜଣେ ମନ୍ତ୍ରୀ କୌଣସି ରହସ୍ୟଜନକ କାରଣରୁ ଅଭିଯୁକ୍ତ ପଛରେ ଚଟାଣ ଭଳି ଛିଡ଼ା ହୋଇ ଢାଲ ସାଜିଥିବାରୁ କୌଣସି କାର୍ଯ୍ୟାନୁଷ୍ଠାନ ହୋଇପାରୁନଥିବା କୁହାଯାଉଛି। ଫଳରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଭଳି ସ୍ୱଚ୍ଛତାରେ ବିଶ୍ୱାସ କରୁଥିବା ସରଳ ବ୍ୟକ୍ତିତ୍ୱ ଅଯଥାରେ ବଦନାମ ହେଉଥିବା କୁହାଯାଉଛି। ତାଙ୍କ ନିର୍ଦ୍ଦେଶର ଅନୁପାଳନ ହେଉନଥିବାରୁ ତାଙ୍କୁ ଦୁର୍ବଳ ଦର୍ଶାଇବାକୁ ଅଦୃଶ୍ୟ କ୍ଷମତା କେନ୍ଦ୍ରର ଏହା ରେଶମୀ ଚାଲ୍ ବୋଲି କୁହାଯାଉଛି। ଅର୍ଥ ଲଗାଣକାରୀ ସଂସ୍ଥା ନାବାର୍ଡ ଓଏସ୍‌ସିବିରେ ହୋଇଥିବା ବେଆଇନ୍ କାରବାର ନେଇ କରିଥିବା ନିରୀକ୍ଷଣ ଓ ବ୍ୟାଙ୍କିଙ୍ଗ ନିୟନ୍ତ୍ରଣ ଆଇନ୍‌ର ଉଲଂଘନ କରି ଚାଲିଥବା ମନମାନି ସଂପର୍କରେ ପରବର୍ତ୍ତୀ ରିପୋର୍ଟରେ ବିଶେଷ ତଥ୍ୟ ପ୍ରକାଶ ପାଇବ । ଖାଲି ସେତିକି ନୁହେଁ, ବିଭିନ୍ନ ସମୟରେ ବ୍ୟାଙ୍କ ପାଣ୍ଠିରୁ ବିନା କାମରେ କିପରି ଲକ୍ଷଲକ୍ଷ ଟଙ୍କା ଗସ୍ତ ଆଳରେ ହରିଲୁଟ୍ ହୋଇଛି ତା'ର ତଥ୍ୟ ପ୍ରମାଣ ସହ ରିପୋର୍ଟ ବାରାନ୍ତରେ ପ୍ରକାଶ ପାଇବ।

**ସବୁ ଜାଣିବି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି ଅଧିକାରୀ**

## ଋଣ ଜାଲିଆତି: ଚାଷୀଙ୍କ ନାଁରେ ଟଙ୍କା ଉଠିଲା

ନୟାଗଡ଼: ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ ସହ ପ୍ରତ୍ୟକ୍ଷ ଭାବେ ସଂପୃକ୍ତ ଏକ ପ୍ରାଥମିକ କୃଷି ସମବାୟ ସମିତିର କୁହାଳିଆ ସଭାପତିଙ୍କ କଳା କାରନାମା ପଦାକୁ ଆସିଛି। ଏହି ବ୍ୟକ୍ତି ୨୦ଜଣ ଚାଷୀଙ୍କ ନାଁରେ ମାତ୍ର ୨% ସୁଧରେ ମିଳୁଥିବା ଋଣ ଅର୍ଥକୁ ହାତେଇ ନେଇ ବଜାରରେ ଉଚ୍ଚ ଦରରେ ସୁଧ ହାସଲ କରିଥିବା ଖବର ଜଣାପଡିବା ପରେ ଏହି ଋଣ ଜାଲିଆତି ସଂପର୍କରେ ବିଧିବଦ୍ଧ ତଦନ୍ତ ଲାଗି ଦାବି ହୋଇଥିଲା । ଏହି ଗୋଟିଏ ସୋସାଇଟିରେ ୨୦ଜଣ ଚାଷୀଙ୍କ ନାଁରେ ୬୦ ଲକ୍ଷ ଟଙ୍କା ଉଠାଯାଇଥିବା ଘଟଣା ଭାତ ହାଣ୍ଡିରୁ ଗୋଟଏ ବୋଲି କୁହାଯାଉଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା, ଏହି ଜାଲିଆତି ମାମଲାର ଅଡିଟ୍ ପାଇଁ ଯାଇଥବା ଟିମ୍‌କୁ ସମିତିର କୁହାଳିଆ ସଭାପତି ଘଉଡ଼ାଇ ଦେଇଥିବା ଓ ତଦନ୍ତରେ ବାଧା ସୃଷ୍ଟି କରିବା ଖବର ଉଚ୍ଚସ୍ତର ପର୍ଯ୍ୟନ୍ତ ପହଞ୍ଚିଥିଲେ ହେଁ କୌଣସି ଅଦୃଶ୍ୟ କାରଣରୁ ଏଯାବତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରି ନାହିଁ। ତୁରନ୍ତ ସମବାୟ ରେଜିଷ୍ଟ୍ରାର ଏଥିନେଇ ପଦକ୍ଷେପ ନେବାକୁ ଜିଲ୍ଲାର ସଚେତନ ସମବାୟବିତ୍‌ମାନେ ମତ ପ୍ରକାଶ କରିଛନ୍ତି ।





# ଆଙ୍କିଲୋଜିଂ ସ୍ପୋଣ୍ଡିଲାଇଟିସ୍: ଲକ୍ଷଣ ଓ ପ୍ରତିକାର

ଆଧୁନିକ ଜୀବନଶୈଳୀ, ଅନିୟମିତ ଖାଦ୍ୟପେୟ, ଏବଂ ଦୀର୍ଘ ସମୟ ଧରି ଏକ ସ୍ଥାନରେ ବସିରହିବା ଦ୍ୱାରା ମାନବ ଶରୀରରେ ବିଭିନ୍ନ ପ୍ରକାରର ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଉଛି। ସେଗୁଡ଼ିକ ମଧ୍ୟରୁ ମେରୁଦଣ୍ଡ ଏବଂ ଗଣ୍ଠିରେ ହେଉଥିବା ପ୍ରଦାହଜନିତ ସମସ୍ୟା ଅତ୍ୟନ୍ତ ଚିନ୍ତାଜନକ ରୂପ ନେଇଛି। ଏହି ଜଟିଳ ଆର୍ଥ୍ରାଇଟିସ୍ ସମସ୍ୟାଗୁଡ଼ିକ ମଧ୍ୟରୁ 'ଆଙ୍କିଲୋଜିଂ ସ୍ପୋଣ୍ଡିଲାଇଟିସ୍' (Ankylosing Spondylitis) ଏକ ଏପରି କ୍ରୋନିକ୍ ବା ଦୀର୍ଘସ୍ଥାୟୀ ରୋଗ ଅଟେ, ଯାହା ମୁଖ୍ୟତଃ ମେରୁଦଣ୍ଡ ଏବଂ ଶ୍ରୋଣୀୟ ଗଣ୍ଠି ବା ସାକ୍ରୋଇଲିଆକ୍ ଗଣ୍ଠିକୁ ଗଭୀର ଭାବେ ଆକ୍ରମଣ କରିଥାଏ। ଏହି ରୋଗରେ ଶରୀରର ନିଜସ୍ୱ ରୋଗ ପ୍ରତିରୋଧକ ଶକ୍ତି ବା ଇମ୍ୟୁନ୍ ସିଷ୍ଟମ୍ ଭୁଲବଶତଃ ନିଜର ସୁସ୍ଥ କୋଷଗୁଡ଼ିକୁ ଶତ୍ରୁ ଭାବେ ଗ୍ରହଣ କରି ସେଗୁଡ଼ିକ ଉପରେ ଆକ୍ରମଣ କରିଥାଏ। ଫଳସ୍ୱରୂପ, ମେରୁଦଣ୍ଡର ହାଡ଼, ଲିଗାମେଣ୍ଟ ଏବଂ କାର୍ଟିଲେଜ୍‌ଗୁଡ଼ିକରେ କ୍ରମାଗତ ପ୍ରଦାହ ସୃଷ୍ଟି ହୋଇଥାଏ। ସମୟ ଅତିବାହିତ ହେବା ସହିତ ଏହି ପ୍ରଦାହ ଅଧିକ ଗମ୍ଭୀର ହେବା ଦ୍ୱାରା ମେରୁଦଣ୍ଡର ହାଡ଼ଗୁଡ଼ିକ ପରସ୍ପର ସହିତ ଜଡ଼ିଯାଇ କଠିନ ହୋଇଯାଇଥାଏ, ଯାହାକୁ ମେଡିକାଲ୍ ଭାଷାରେ 'ଫ୍ୟୁଜନ୍' କୁହାଯାଏ ଏବଂ ଏହା ଶରୀରର ସ୍ୱାଭାବିକ ନମନୀୟତାକୁ ସମ୍ପୂର୍ଣ୍ଣ ଭାବେ ନଷ୍ଟ କରିଦେଇଥାଏ। ଏହି ରୋଗର ପ୍ରାରମ୍ଭିକ ଲକ୍ଷଣଗୁଡ଼ିକ ଅତ୍ୟନ୍ତ ସାଧାରଣ ପିଠି ଯନ୍ତ୍ରଣା ପରି ଜଣାପଡ଼ିଥାଏ, ଯେଉଁଥି ପାଇଁଅନେକସମୟରେରୋଗୀମାନେଏହାକୁସାମାନ୍ୟମାଂସପେଶୀଯନ୍ତ୍ରଣାଭାବି ଅଣଦେଖା କରିଦେଇଥାନ୍ତି। ଆଙ୍କିଲୋଜିଂ ସ୍ପୋଣ୍ଡିଲାଇଟିସ୍ ରୋଗରେ ମୁଖ୍ୟତଃ ତଳ ପିଠି, ନିମ୍ନ ମେରୁଦଣ୍ଡ ଏବଂ ନିତମ୍ବ ଅଞ୍ଚଳରେ ଏକ କ୍ରମାଗତ କିମ୍ବା ଝିମଝିମ ହେଉଥିବା ଯନ୍ତ୍ରଣା ଅନୁଭବ ହୋଇଥାଏ। ଏହି ଯନ୍ତ୍ରଣାର ଏକ ପ୍ରମୁଖ ବିଶେଷତା ହେଲା ଯେ ସାଧାରଣ ବିଶ୍ରାମ ନେବା ସମୟରେ, ବିଶେଷକରି ରାତିରେ କିମ୍ବା ସକାଳ ସମୟରେ ବିଛଣାରୁ ଉଠିବା ପୂର୍ବରୁ ଅଧିକ ବୃଦ୍ଧି ପାଇଥାଏ। ସକାଳେ ଶଯ୍ୟାତ୍ୟାଗ କରିବା ପରେ ଶରୀର ଏବଂ ମେରୁଦଣ୍ଡରେ ପ୍ରବଳ ଜଡ଼ତା ବା ଜାମ ହୋଇଯିବା ଏବଂ ଦିନର କିଛି ସମୟ ଚଲାବୁଲା କିମ୍ବା ହାଲ୍‌କା ବ୍ୟାୟାମ କରିବା ପରେ ଯନ୍ତ୍ରଣା କିଛି ମାତ୍ରାରେ କମିବା ଏହି ରୋଗର ମୁଖ୍ୟ ଲକ୍ଷଣ ଅଟେ। ମେରୁଦଣ୍ଡ ବ୍ୟତୀତ ଏହା ଶରୀରର ଅନ୍ୟାନ୍ୟ ଗଣ୍ଠି ଯେପରିକି ହିପ୍, ଆଣ୍ଠୁ, ଗୋଇଠି, ଏବଂ କାନ୍ଧର ଗଣ୍ଠିକୁ ମଧ୍ୟ ପ୍ରଭାବିତ କରିଥାଏ। ରୋଗର ପରିମାଣ ଅଧିକ ବୃଦ୍ଧି ପାଇଲେ ଛାତିର ହାଡ଼ ଜଡ଼ିଯିବା କାରଣରୁ ନିଶ୍ୱାସ ନେବାରେ ଗୁରୁତର କଷ୍ଟ ଅନୁଭବ ହେବା, ଶରୀରରେ ପ୍ରବଳ ପରିଶ୍ରାନ୍ତ ଅନୁଭବ ହେବା, ଅତ୍ୟଧିକ ଓଜନ ହ୍ରାସ ପାଇବା, ଏବଂ ଆଖିରେ ଘା' କିମ୍ବା ପ୍ରଦାହ ବା ୟୁଭାଇଟିସ୍ ଭଳି ଜଟିଳ ସମସ୍ୟା ଦେଖାଦେଇଥାଏ।

ଆଙ୍କିଲୋଜିଂ ସ୍ପୋଣ୍ଡିଲାଇଟିସ୍ ରୋଗର ପ୍ରକୃତ କାରଣ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବେ ସ୍ପଷ୍ଟ ହୋଇନଥିଲେ ମଧ୍ୟ ବଂଶଗତ କିମ୍ବା ଜେନେଟିକ୍ କାରଣଗୁଡ଼ିକ ଏଥିପାଇଁ ମୁଖ୍ୟତଃ ଦାୟୀ ବୋଲି ଡାକ୍ତରୀ ଗବେଷଣାରୁ ପ୍ରମାଣିତ ହୋଇଛି। ବିଶେଷ କରି 'ଏଚ୍.ଏଲ୍.ଏ.-ବି୨୭' ନାମକ ଜିନ୍ ଭାରିଏଣ୍ଟ ଏହି ରୋଗ ସୃଷ୍ଟି କରିବାରେ ଏକ ପ୍ରମୁଖ ଅନୁପ୍ରେରକ ଭାବେ କାମ କରିଥାଏ। ଯେଉଁ ବ୍ୟକ୍ତିମାନଙ୍କ ପରିବାରରେ ଏହି ରୋଗର ପୂର୍ବ ଇତିହାସ ରହିଥାଏ, ସେମାନଙ୍କଠାରେ ଏହି ସମସ୍ୟା ଦେଖାଦେବାର ଆଶଙ୍କା ଅନ୍ୟମାନଙ୍କ ଅପେକ୍ଷା ଅନେକ ଗୁଣ ଅଧିକ ରହିଥାଏ। ଏହା ବ୍ୟତୀତ ନିୟମିତ ଧୂମପାନ କରିବା, ଅତ୍ୟଧିକ ମାନସିକ ଚାପ, ଅନ୍ତନଳୀର




ବିଭିନ୍ନ ପ୍ରଦାହଜନିତ ସମସ୍ୟା, ଏବଂ ଶରୀରରେ ଭିଟାମିନ୍ ଡି'ର ଅଭାବ ମଧ୍ୟ ଏହି ରୋଗର ପ୍ରକୋପକୁ ବୃଦ୍ଧି କରିବାରେ ସହାୟକ ହୋଇଥାଏ। ସାଧାରଣତଃ ଏହି ସମସ୍ୟା ବୟସ୍କ ବ୍ୟକ୍ତିଙ୍କ ଅପେକ୍ଷା କିଶୋରାବସ୍ଥା ଶେଷ ଭାଗରେ କିମ୍ବା ଯୁବାବସ୍ଥାର ପ୍ରାରମ୍ଭରେ ଅର୍ଥାତ୍ ୨୦ରୁ ୩୦ ବର୍ଷ ବୟସ ମଧ୍ୟରେ ଅଧିକ ଦେଖାଯାଇଥାଏ ଏବଂ ମହିଳାମାନଙ୍କ ଅପେକ୍ଷା ପୁରୁଷମାନେ ଏହି ରୋଗ ଦ୍ୱାରା ଅଧିକ ପ୍ରଭାବିତ ହୋଇଥାନ୍ତି। ଏହି ଜଟିଳ ରୋଗର ନିରାକରଣ ଏବଂ ସଠିକ୍ ପରିଚାଳନା ପାଇଁ ପ୍ରାରମ୍ଭିକ ଅବସ୍ଥାରେ ହିଁ ଡାକ୍ତରୀ ପରାମର୍ଶ ଗ୍ରହଣ କରିବା ଅତ୍ୟନ୍ତ ଜରୁରୀ ଅଟେ।



# ସ୍ୱାସ୍ଥ୍ୟ ପାଇଁ ଆଖରୋଟ୍‌ର ଉପକାରିତା

ଆମ ଦେହ ଓ ମନକୁ ସୁସ୍ଥ ରଖିବା ପାଇଁ ପ୍ରାକୃତିକ ଖାଦ୍ୟପେୟର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ। ସାଧାରଣତଃ ଆମେ ବିଭିନ୍ନ ପ୍ରକାରର ଶୁଖିଲା ମେୱା ବା ଡ୍ରାଏଫ୍ରୁଟ୍ସ ଖାଇଥାଉ, ଯେଉଁଥିରେ ଆଖରୋଟ୍ ବା ୱାଲନଟ୍ ର ସ୍ୱାସ୍ଥ୍ୟଗତ ଉପକାରିତା ବେଶ୍ ପୁରୁଣା। ପୂର୍ବକାଳରୁ ଘରର ବଡ଼ବୃଦ୍ଧମାନେ ଆଖରୋଟ୍ ଖାଇବାକୁ ପରାମର୍ଶ ଦେଇଆସୁଛନ୍ତି। ବର୍ତ୍ତମାନ ଆମେରିକାରେ କରାଯାଇଥିବା ଏକ ନୂତନ ଅଧ୍ୟୟନରୁ ଆଖରୋଟ୍ ସମ୍ବନ୍ଧୀୟ ଏପରି ଏକ ବଡ଼ ତଥ୍ୟ ସାମ୍ନାକୁ ଆସିଛି, ଯାହା ଶୁଣିବା ପରେ ଆପଣ ନିଶ୍ଚିତ ଭାବରେ ଆଶ୍ଚର୍ଯ୍ୟ ହୋଇଯିବେ। ଆମେରିକାରେ ହୋଇଥିବା ଏହି ଗବେଷଣା ଅନୁଯାୟୀ, ନିୟମିତ ଭାବରେ ଆଖରୋଟ୍ ଖାଇବା ଦ୍ୱାରା ଶରୀରରେ ଅବସାଦ ବା ଡିପ୍ରେସନ୍ ର ମାତ୍ରା ବହୁ ପରିମାଣରେ କମିଯାଇଥାଏ ଏବଂ ଏହାସହିତ ମନର ଫୋକସ୍ କ୍ଷମତା ମଧ୍ୟ ବୃଦ୍ଧି ପାଇଥାଏ।

କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ଗବେଷକମାନେ ସେମାନଙ୍କର ଏହି ଅଧ୍ୟୟନରେ ଦାବି କରିଛନ୍ତି ଯେ ଯେଉଁ ବ୍ୟକ୍ତିମାନେ ନିୟମିତ ଭାବରେ ଆଖରୋଟ୍ ଖାଆନ୍ତି, ସେମାନଙ୍କ ଠାରେ ଡିପ୍ରେସନ୍ ବା ଅବସାଦର ସ୍ତର ପ୍ରାୟ ଛବିଶ ପ୍ରତିଶତ ପର୍ଯ୍ୟନ୍ତ କମ୍ ପାଞ୍ଚିବାକୁ ମିଳିଛି। ଅନ୍ୟପକ୍ଷରେ, ଯେଉଁମାନେ ଆଖରୋଟ୍ ଖାଆନ୍ତି ନାହିଁ, ସେମାନଙ୍କ କ୍ଷେତ୍ରରେ ଏହି ସ୍ତର କେବଳ ଚାରି ପ୍ରତିଶତ କମ୍ ଥିବାର ଦେଖାଯାଇଛି। ଏହି ଗବେଷଣା ରିପୋର୍ଟଟି 'ନ୍ୟୁଟ୍ରେଣ୍ଟ୍' ନାମକ ପ୍ରସିଦ୍ଧ ଜର୍ଣ୍ଣାଲ୍ ରେ ମଧ୍ୟ ପ୍ରକାଶିତ ହୋଇସାରିଛି। ଗବେଷକଙ୍କ ମତରେ, ଆଖରୋଟ୍ ଖାଇବା ଦ୍ୱାରା ଶରୀରରେ ଶକ୍ତି ବା ଏନର୍ଜି ବୃଦ୍ଧି ପାଇଥାଏ ଏବଂ କୌଣସି କାମରେ ମନୋନିବେଶ କରିବା ବା ଫୋକସ୍ କରିବା ପାଇଁ ମଧ୍ୟ ଏହା ଖୁବ୍ ସହାୟକ ହୋଇଥାଏ। ଏହି ବିଶ୍ୱବିଦ୍ୟାଳୟର ମୁଖ୍ୟ ଗବେଷକ ଲେନୋର୍ ଅରବ ଏକ ଅଧ୍ୟୟନର ହାଲା ଦେଇ ପ୍ରକାଶ କରିଛନ୍ତି ଯେ ଆଜିର ସମୟରେ ଅଧିକାଂଶ ବୟସ୍କ ବ୍ୟକ୍ତି ନିଜ ଜୀବନର କୌଣସି ନା କୌଣସି ସମୟରେ ଅବସାଦ ବା ଡିପ୍ରେସନ୍ ର ଶିକାର ହୋଇଥାନ୍ତି। ତେଣୁ ଏହି ସମସ୍ୟାରୁ ବର୍ତ୍ତିବା ପାଇଁ ଅତ୍ୟଧିକ ଖର୍ଚ୍ଚବହୁଳ ଉପାୟ ଅପେକ୍ଷା କିଛି ସରଳ ଓ କାଫାୟତୀ ଉପାୟ ଆପଣାଇବା ଅତ୍ୟନ୍ତ ଜରୁରୀ ଅଟେ। ଆମର ଖାଦ୍ୟପେୟରେ ସାମାନ୍ୟ ପରିବର୍ତ୍ତନ କରି ଆମେ ଏହି ମାନସିକ ସମସ୍ୟାରୁ ମୁକ୍ତି ପାଇପାରିବା। ପୂର୍ବରୁ ଆଖରୋଟ୍ ଉପରେ ହୋଇଥିବା ବିଭିନ୍ନ ଗବେଷଣା ମୁଖ୍ୟତଃ କେବଳ ହୃଦ୍‌ରୋଗ ବା ହାର୍ଟ ସମ୍ବନ୍ଧୀୟ ସମସ୍ୟାଗୁଡ଼ିକ ପାଇଁ କରାଯାଉଥିଲା, କିନ୍ତୁ ବର୍ତ୍ତମାନ ଏହାର ଉପକାରିତାକୁ ମାନସିକ ଅବସାଦ ବା ଡିପ୍ରେସନ୍ ର ଲକ୍ଷଣଗୁଡ଼ିକ ସହିତ ଯୋଡ଼ି ଅଧିକ ଗବେଷଣା କରାଯାଉଛି।

## ବିପଦସଙ୍କୁଳ ଗୃହରେ ଚାଲିଛି ଖଣ୍ଡପଡ଼ା ସେବା ସମବାୟ ସମିତି କାର୍ଯ୍ୟାଳୟ

# ଛାତରୁ ପାଣି ଗଳି ନଷ୍ଟ ହେଉଛି ମୂଲ୍ୟବାନ କାଗଜପତ୍ର

ଖଣ୍ଡପଡ଼ା:ଖଣ୍ଡପଡ଼ା ସହରର ବାଇପାସ ରାସ୍ତା ପାର୍ଶ୍ୱରେ ଅବସ୍ଥିତ ଖଣ୍ଡପଡ଼ା ସେବା ସମବାୟ ସମିତି କାର୍ଯ୍ୟାଳୟ ଗୃହଟି ଏବେ ବିପଦସଙ୍କୁଳ ଅବସ୍ଥାରେ ଦଣ୍ଡାୟମାନ। ଗତ ୧୯୫୧ ମସିହା ଜାନୁଆରୀ ୨୪ ତାରିଖରେ ଏହି କାର୍ଯ୍ୟାଳୟଟି ପ୍ରତିଷ୍ଠା ହୋଇଥିଲେ ହେଁ ସେବା ସମବାୟ ସମିତି କାର୍ଯ୍ୟାଳୟ କର୍ତ୍ତୃପକ୍ଷଙ୍କ ନାମରେ ଉକ୍ତ ଜାଗାର ପଟ୍ଟା ନ ଥିବାରୁ ଏହାର ଆନୁସଙ୍ଗିକ ଉନ୍ନତିକରଣ ଦିଗରେ ସରକାରୀ ଅନୁଦାନ ଅର୍ଥ ମିଳୁନଥିବା ଅଭିଯୋଗ ହେଉଛି। ଫଳରେ ଦୀର୍ଘ ବର୍ଷ ଧରି ରକ୍ଷଣାବେକ୍ଷଣ ଅଭାବରୁ ସମିତି କାର୍ଯ୍ୟାଳୟ ଗୃହ କାନ୍ଥରେ ଫାଟ ସୃଷ୍ଟି ହୋଇଥିବା ବେଳେ ଗୃହ ଛାତ ତଳୁ ଖଣ୍ଡଖଣ୍ଡ ହୋଇ ସିମେଣ୍ଟ କଂକ୍ରିଟ ଖସି ପଡୁଛି।ବର୍ଷା ସମୟରେ ଛାତରୁ ପାଣି ଗଳି ମୂଲ୍ୟବାନ ସରକାରୀ କାଗଜପତ୍ର ନଷ୍ଟ ହେଉଥିବାରୁ ସେଠାରେ କାର୍ଯ୍ୟରତ କର୍ମଚାରୀ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡିଛି। ପ୍ରତିବର୍ଷ ଉକ୍ତ ସେବା ସମବାୟ ସମିତିରେ ଧାନ ମଣ୍ଡି ଖୋଲୁଥିଲେ ହେଁ ଆବଶ୍ୟକ ସ୍ଥାନ ଅଭାବରୁ ବାଇପାସ ରାସ୍ତାର ଉଭୟ ପାର୍ଶ୍ୱରେ



ଚାଷୀମାନେ କ୍ୱିଣ୍ଟାଲ କ୍ୱିଣ୍ଟାଲ ଧାନ ମହଜୁଦ ରଖି ମିଲରଙ୍କୁ ବିକ୍ରି କରୁଥିବା ଜଣାପଡିଛି। ଏପରିକି ଶୀତ କାକର ଓ ଅଦିନିଆ ବର୍ଷାରେ ବାହାରେ ପଡ଼ି ରହି ସ୍ଥାନୀୟ ଅଞ୍ଚଳର ଚାଷୀ ମାନେ ମିଲରଙ୍କୁ ଧାନ ବିକ୍ରି କରିଥାନ୍ତି। ସେହିପରି ସମୟ ଓ ଅସମୟରେ ଧାନ କ୍ରୟ ନିମନ୍ତେ ମିଲର କର୍ତ୍ତୃପକ୍ଷ ନ ଆସିଲେ କିମ୍ବା ବର୍ଷା ପବନ ହେଲେ ଚାଷୀ ମାନେ ଧାନ ବସ୍ତା ଗୁଡିକ ମହଜୁଦ ରଖିବା ନିମନ୍ତେ ବିଶେଷ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ପ୍ରକାଶଥାଉକି ଖଣ୍ଡପଡ଼ା ସେବା ସମବାୟ ସମିତି କାର୍ଯ୍ୟାଳୟଟି ଯେଉଁ ଜାଗାରେ ଅବସ୍ଥିତ ସେହି ଜାଗାର ପଟ୍ଟା କର୍ତ୍ତୃପକ୍ଷଙ୍କ ନିକଟରେ ନଥିବା କାରଣରୁ କାର୍ଯ୍ୟାଳୟର ଉନ୍ନତି କରଣରେ ଅନୁଦାନ ଅର୍ଥ ବାଧକ ସାଜିଥିବା ଜଣା ପଡ଼ିଛି। ସମବାୟ ସମିତିର ସମ୍ପାଦକ ଗୋପୀନାଥ ଆଚାର୍ଯ୍ୟ ଉକ୍ତ ଜାଗାର ପଟ୍ଟା ପାଇବା ନିମନ୍ତେ ଗତ ୨ବର୍ଷ ହେଲା ଖଣ୍ଡପଡ଼ା ତହସିଲ କାର୍ଯ୍ୟାଳୟରେ ଆବେଦନପତ୍ର ଦାଖଲ କରିଛନ୍ତି। ମାତ୍ର ଅଦ୍ୟାବଧି ତହସିଲ କର୍ତ୍ତୃପକ୍ଷ ଉକ୍ତ ଜାଗାର ପଟ୍ଟା ପ୍ରଦାନ ନକରି ବିଭିନ୍ନ ଆଳ ଦେଖାଇ ମାସ ପରେ ମାସ ଗଡାଇ ଚାଲିଥିବା ଅଭିଯୋଗ ହେଉଛି।ଅପରପକ୍ଷେ ସମବାୟ ସମିତି କାର୍ଯ୍ୟାଳୟଟି ଦିନକୁ ଦିନ ରୁଗ୍ଣ ଅବସ୍ଥାକୁ ଚାଲି ଆସୁଥିବା ଜଣାଯାଇଛି।ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଖଣ୍ଡପଡ଼ା ସହରବାସୀ ଦାବି କରିଛନ୍ତି। ଉକ୍ତ ସେବା ସମବାୟ ସମିତିର ସମ୍ପାଦକ ବିଭିନ୍ନ ସମସ୍ୟା ସମ୍ପର୍କରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିବା ନେଇ ସୂଚନା ଦେଇଛନ୍ତି। ତେବେ ଖଣ୍ଡପଡ଼ା ଅଞ୍ଚଳର ଚାଷୀମାନଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଉକ୍ତ ସେବା ସମବାୟ ସମିତି କାର୍ଯ୍ୟାଳୟର ଭିତ୍ତିଭୂମି ବିକାଶ ଦିଗରେ ସମବାୟ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ, ନୟାଗଡ଼ ଜିଲ୍ଲାପାଳ, ଖଣ୍ଡପଡ଼ା ବିଧାୟକ ଓ କଟକ ଲୋକସଭା ସାଂସଦ ଦୃଷ୍ଟି ଦେବାକୁ ଦାବି ହେଉଛି ।

## ରାଜ୍ୟ ସମବାୟ ୟୁନିଅନ୍‌ର ବରଗଡ଼ ଟ୍ରେନିଂ ସେଣ୍ଟର ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

ବରପାଲି: ଓଡ଼ିଶା ରାଜ୍ୟ ସମବାୟ ୟୁନିଅନ୍‌ର ବରଗଡ଼ ଟ୍ରେନିଂ ସେଣ୍ଟର ପକ୍ଷରୁ ବରପାଲିରେ ସମବାୟ ଓ ହସ୍ତତନ୍ତ କ୍ଷେତ୍ର ପରିଦର୍ଶନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ପ୍ରଶିକ୍ଷାର୍ଥୀମାନଙ୍କୁ ସମବାୟ ଓ ହସ୍ତତନ୍ତ କ୍ଷେତ୍ରର ବାସ୍ତବ କାର୍ଯ୍ୟପ୍ରଣାଳୀ ସହ ପରିଚିତ କରାଇବା ଏହି କାର୍ଯ୍ୟକ୍ରମର ଥିଲା ମୁଖ୍ୟ ଲକ୍ଷ୍ୟ। ବରପାଲି ଅଞ୍ଚଳରେ ସମବାୟ ଓ ହସ୍ତତନ୍ତ କ୍ଷେତ୍ରର ବିକାଶ, କାର୍ଯ୍ୟପ୍ରଣାଳୀ, ସଫଳତା, ସମସ୍ୟା ଓ ଭବିଷ୍ୟତ ସମ୍ଭାବନା ସମ୍ପର୍କରେ ପ୍ରଶିକ୍ଷାର୍ଥୀମାନେ ପ୍ରତ୍ୟକ୍ଷ ଅଭିଜ୍ଞତା ହାସଲ କରି ପାରିବେ କ୍ଷକାର୍ଯ୍ୟକ୍ରମ ଅଧୀନରେ ନାରାୟଣ ମଡେଲ୍ **PACS**, ସତଲମା ଏବଂ ଜନତା ବସ୍ତ୍ରାଳୟ **WCS**, ବରପାଲି ପରିଦର୍ଶନ କରା ଯାଇଛି । ଏହି ପରିଦର୍ଶନ ସମୟରେ ସମବାୟ ସଂସ୍ଥାଗୁଡ଼ିକର କାର୍ଯ୍ୟପ୍ରଣାଳୀ, ସଦସ୍ୟମାନଙ୍କୁ ପ୍ରଦାନ କରାଯାଉଥିବା ସେବା, ଆର୍ଥିକ କାର୍ଯ୍ୟକଳାପ ଏବଂ ସ୍ଥାନୀୟ ଅର୍ଥନୀତିରେ ସମବାୟର ଭୂମିକା ସମ୍ପର୍କରେ ପ୍ରଶିକ୍ଷାର୍ଥୀମାନେ ପ୍ରତ୍ୟକ୍ଷ ଭାବେ ଅବଗତ ହେଇ ଥିଲେ ବୋଲି ଜଣା ପଡ଼ିଛି । ଏଥିସହ ବରପାଲିର କେତେକ ମାଷ୍ଟର ୱିଭର୍ ଓ ଜାତୀୟ ପୁରସ୍କାରପ୍ରାପ୍ତ ବୁଣାକାରଙ୍କ ସହ ପ୍ରଶିକ୍ଷାର୍ଥୀମାନେ ଆଲୋଚନା ମଧ୍ୟ କରା ଯାଇଛି କ୍ଷଏହି ଆଲୋଚନାରେ ବୁଣାକାରମାନଙ୍କ ଅଭିଜ୍ଞତା, ହସ୍ତତନ୍ତ ଉତ୍ପାଦନ ପ୍ରକ୍ରିୟା, ବଜାର ସୁବିଧା, ବିପଣନ ସମସ୍ୟା, ଜୀବିକା ଏବଂ ଭବିଷ୍ୟତ ସମ୍ଭାବନା ସମ୍ପର୍କରେ ପ୍ରଶିକ୍ଷାର୍ଥୀମାନେ ପ୍ରତ୍ୟକ୍ଷ ଜ୍ଞାନ ହାସଲ କରିଥିଲେ । ଏହି ଅବସରରେ ଓଡ଼ିଶା ରାଜ୍ୟ ସମବାୟ ୟୁନିଅନ୍‌ର ଉପସଭାପତି



ଶ୍ରୀ ବିରୋସେନ ସାହୁ ଯୋଗଦେଇ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ସେ ସମବାୟ ଓ ହସ୍ତତନ୍ତ କ୍ଷେତ୍ରର ବିକାଶ, ସମବାୟ ମାଧ୍ୟମରେ ବୁଣାକାରଙ୍କ ଆର୍ଥିକ ସଶକ୍ତିକରଣ, ହସ୍ତତନ୍ତ ଉତ୍ପାଦର ବଜାର ସୁବିଧା ଏବଂ ଏହି କ୍ଷେତ୍ରର ଭବିଷ୍ୟତ ସମ୍ଭାବନା ଉପରେ ମତବିନିମୟ କରିଥିଲେ । ଏହି କ୍ଷେତ୍ର ପରିଦର୍ଶନ ମାଧ୍ୟମରେ ପ୍ରଶିକ୍ଷାର୍ଥୀମାନେ ସମବାୟ ସଂସ୍ଥା ଓ ହସ୍ତତନ୍ତ କ୍ଷେତ୍ରର 'ଗ୍ରାଉଣ୍ଡ ରିଆଲିଟି' ସମ୍ପର୍କରେ ପ୍ରତ୍ୟକ୍ଷ ଜ୍ଞାନ ଓ ଅଭିଜ୍ଞତା ହାସଲ କରିବେ। ଏହା ସହିତ ସ୍ଥାନୀୟ ବୁଣାକାର ସମୁଦାୟର ଆର୍ଥିକ ଓ ସାମାଜିକ ଉନ୍ନତି ଏବଂ ସମବାୟ ଆନ୍ଦୋଳନକୁ ଆହୁରି ସୁଦୃଢ଼ କରିବା ଦିଗରେ ଏହି କାର୍ଯ୍ୟକ୍ରମ ସହାୟକ ହେବ ବୋଲି ଓଡ଼ିଶା ରାଜ୍ୟ ସମବାୟ ୟୁନିଅନ୍‌ର ସଭାପତି ଶ୍ରୀମତୀ ପ୍ରଭାସିନୀ ଷଡ଼ଙ୍ଗୀ ଏକ ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି।

## NCUI ନିର୍ବାଚନକୁ ନେଇ ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ:ଅକ୍ଟୋବର ୨୧ ସୁଦ୍ଧା ପକ୍ଷ ରଖିବାକୁ ନିର୍ଦ୍ଦେଶ

ନୂଆଦିଲ୍ଲୀ: ନୂଆଦିଲ୍ଲୀସ୍ଥିତ NCUI Governing Council ନିର୍ବାଚନର Constituency ଓ ପ୍ରତିନିଧିତ୍ୱକୁ ନେଇ ଓଡ଼ିଶା ପକ୍ଷରୁ ଉଠାଯାଇଥିବା ଆପତ୍ତି ଉପରେ ମାନ୍ୟବର ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଆସିଛି ସମ୍ପୃକ୍ତ ପକ୍ଷମାନଙ୍କୁ ୨୧ ଅକ୍ଟୋବର ସୁଦ୍ଧା ନିଜ ପକ୍ଷ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିହାରର ସମବାୟ Federationର ଆଇନଗତ ସ୍ଥିତି ଏବଂ ତାହାକୁ ନିର୍ବାଚନୀ Constituencyରେ ସାମିଲ କରାଯିବାକୁ ନେଇ ଓଡ଼ିଶା ପକ୍ଷରୁ ପ୍ରଶ୍ନ ଉଠାଯାଇଛି। NCUI Bye-laws ଓ ସମବାୟ ଆଇନ ଅନୁଯାୟୀ ନ୍ୟାୟସଙ୍ଗତ ପ୍ରତିନିଧିତ୍ୱ ନିଶ୍ଚିତ କରିବାକୁ ଓଡ଼ିଶା ପକ୍ଷରୁ ଦାବି କରାଯାଇଛି। ଏହି ମାମଲାରେ ଉଠିଥିବା ଅଭିଯୋଗର ଆଇନଗତ ସତ୍ୟତା ମାନ୍ୟବର ଅଦାଲତଙ୍କ ବିଚାରାଧୀନ ରହିଛି । ଓଡ଼ିଶାର ସମବାୟ ଅଧିକାର ଓ ନ୍ୟାୟସଙ୍ଗତ ପ୍ରତିନିଧିତ୍ୱ ପାଇଁ ଆଇନଗତ ପଦକ୍ଷେପ ଜାରି ରହିବ ବୋଲି ସୂଚନା ଦିଆଯାଇଛି ।




## ୧,୦୦୦ କୋଟି ଟଙ୍କାର ଉଚ୍ଚ ପ୍ରଯୁକ୍ତିବିଦ୍ୟା ନିବେଶ ପ୍ରସ୍ତାବ ଦେଲା 'ଫାର୍ମଏକ୍ସ'

ଭୁବନେଶ୍ୱର: ଓଡ଼ିଶାକୁ ସ୍ୱୟଂଚାଳିତ ଇଲେକ୍ଟ୍ରିକ୍ ଟ୍ରାକ୍ଟର, ଏଆଇ ସଫ୍‌ଟୱେର୍, ରୋବୋଟିକ୍ସ ଏବଂ ସ୍ମାର୍ଟ କୃଷି ପ୍ରଣାଳୀର ଏକ ଅତ୍ୟାଧୁନିକ ଉତ୍ପାଦନ ଓ ରପ୍ତାନି ହବ୍ ଭାବରେ ଗଢ଼ିତୋଳିବା ପାଇଁ ସିଲିକନ୍ ଭ୍ୟାଲିର ଉଚ୍ଚ-ପ୍ରଯୁକ୍ତିବିଦ୍ୟା ସଂସ୍ଥା 'ଫାର୍ମଏକ୍ସ' (FarmX) ରାଜ୍ୟ ସରକାରଙ୍କ ନିକଟରେ ୧,୦୦୦ କୋଟି ଟଙ୍କାର ନିବେଶ ପ୍ରସ୍ତାବ ଉପସ୍ଥାପିତ କରିଛି। ଏହି ପ୍ରସଙ୍ଗରେ ଫାର୍ମଏକ୍ସର ମୁଖ୍ୟ ପରିଚାଳନା ଅଧିକାରୀ ପ୍ରେମଲ ଅସର ଏବଂ ଏଆଇ ଓ ପ୍ରଡକ୍ଟ ଇଞ୍ଜିନିୟରିଂ ମୁଖ୍ୟ ଲଳିତ ଭଟ୍ଟଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ଇଲେକ୍‌ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଲ କୁମାର ଦେବଙ୍କ ସହ ସାକ୍ଷାତ କରି ଆଲୋଚନା କରିଛନ୍ତି। ରାଜ୍ୟରେ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଉପରେ ଗୁରୁତ୍ୱାରୋପ କରି ମାନ୍ୟବର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଥିଲେ ।







# ସ୍ୱର୍ଗରେ ଡିଜିଟାଲ୍ ଦୁର୍ନୀତି !

ହଠାତ୍ ଅସମୟରେ ଚିତ୍ରଗୁପ୍ତଙ୍କୁ ଦେଖି ଯମରାଜ ନିଜ ମଇଁଷି ଉପରୁ ପ୍ରାୟ ତେଇଁ ପଡ଼ିଲେ! ସବୁବେଳେ ମନ୍ଦହାସ୍ୟ ଓ ଶାନ୍ତ ଦିଶୁଥିବା ଚିତ୍ରଗୁପ୍ତ ଆଜି କାହିଁକି ବଲବଲ ଆଖିରେ, ଚଷମାକୁ ନାକ ଉପରକୁ ଖସାଇ ଦୁଃଖୀ ମନରେ ଛିଡ଼ା ହୋଇଛନ୍ତି?

ଯମରାଜ ପଚାରିଲେ—

କିହୋ ଚିତ୍ରଗୁପ୍ତ! ଲଞ୍ଚ ଟାଇମ୍‌ରେ ମୋ ଆସନ ପାଖରେ? କ'ଣ ହେଲା? କୌଣସି ପାପୀ ଅଭିଶାପ ଦେଲା କି?

ଚିତ୍ରଗୁପ୍ତ ଦୀର୍ଘଶ୍ୱାସ ପକାଇ କହିଲେ—

ପ୍ରଭୁ! ଚିତ୍ରଗୁପ୍ତଙ୍କ ଜୀବନରେ ବିଶ୍ରାମ କାହିଁ? ଜୀବନସାରା ଖାଲି Duty... Duty... Duty! ମର୍ତ୍ତ୍ୟଲୋକର ଲୋକଙ୍କ ଆୟୁଷ ଗଣି ଗଣି ମୋ ଆଖିର ପାୱାର କମିଗଲାଣି। ଆଉ ସେପଟେ ଗାଳି—'ଶଳା ଚିତ୍ରଗୁପ୍ତ' କହି ଛୋଟ ପିଲାରୁ ବୁଢ଼ା ଯାଏ ସମସ୍ତେ ମୋତେ ହିଁ ଗାଳି କରୁଛନ୍ତି!

ଯମରାଜ ହସି କହିଲେ—

ଆରେ ଭାଇ, ମୁଁ ତ ସମସ୍ତଙ୍କର ଅଣ-ସରକାରୀ ଶାଳକ! ଭଉଣୀ ନଥାଇ ବି ମୁଁ ମର୍ତ୍ତ୍ୟଲୋକର ସର୍ବବୃହତ୍ 'ଶଳା'! ତୁମେ ଏତେ ବର୍ଷ ଧରି ସୁଚାରୁ ରୂପେ କାମ କରିଛ। ଚାହଁ ଯଦି ମୁଁ ସ୍ୱର୍ଗର ସର୍ବୋଚ୍ଚ 'Best Employee Award' ଦେବି!

ଚିତ୍ରଗୁପ୍ତ ବ୍ୟାଗରୁ କାଗଜଟିଏ କାଢ଼ି କହିଲେ—

ସାର୍, Award ନୁହେଁ, ମୋତେ VRS—ସ୍ୱେଚ୍ଛାକୃତ ଅବସର ଦରକାର! ସ୍ତ୍ରୀଙ୍କୁ କେବେ ସ୍ୱର୍ଗର ପାରିଜାତ ବଗିଚା ବୁଲାଇବାକୁ ନେଇନି। ସେ ସବୁବେଳେ ଅଭିମାନ କରୁଛନ୍ତି।

ବହୁତ ବୁଝାଇବା ପରେ ବି ଚିତ୍ରଗୁପ୍ତ ନଛୋଡ଼ବନ୍ଧା।

ଶେଷରେ ଯମରାଜ ପଚାରିଲେ— ହଉ ଠିକ୍ ଅଛି! ହେଲେ ତୁମ ସ୍ଥାନରେ କାହାକୁ ପୋଷ୍ଟିଙ୍ଗ୍ କରିବି? ଏମିତି ସଚ୍ଚୋଟ ଓ ବିଜ୍ଞ ଲୋକ କିଏ ଅଛି?

ଚିତ୍ରଗୁପ୍ତ ଚଷମା ପୋଛି କହିଲେ—

ସାର୍, ଭାରତ ଭୂଖଣ୍ଡରୁ ଜଣେ 'ଶ୍ରେଷ୍ଠ ପ୍ରଶାସକ'ଙ୍କୁ ଆଣନ୍ତୁ। ସରକାରୀ ଯୋଜନା ଓ ଫାଇଲ୍ ସାମ୍ଭାଳିବାରେ ସେମାନେ ମାଷ୍ଟର!

ଯମରାଜଙ୍କୁ କଥାଟା ପସନ୍ଦ ଆସିଲା। ଭାରତର ଜଣେ ବରିଷ୍ଠ ଅବସରପ୍ରାପ୍ତ ପ୍ରଶାସକଙ୍କୁ ସ୍ୱର୍ଗପୁରର ନୂତନ 'ଚିତ୍ରଗୁପ୍ତ' ଭାବେ ନିଯୁକ୍ତି ଦିଆଗଲା।

ସ୍ୱର୍ଗରେ ହଟଚମଟ!

କିଛି ଦିନ ସବୁ ସୁରୁଖୁରୁରେ ଚାଲିଲା। କିନ୍ତୁ ମାସେ ପରେ ଯମରାଜ ଦେଖିଲେ—ଯମଦୂତମାନେ ଡ୍ୟୁଟି ସମୟରେ 'ଲୁଡୋ' ଖେଳୁଛନ୍ତି, ଆଉ ମଇଁଷି ଗୋଠରେ ବନ୍ଧା ହୋଇ ସୋଇଛି!

ଯମରାଜ ଗର୍ଜନ କଲେ—

ଆରେ! ଆଜି ମର୍ତ୍ତ୍ୟଲୋକରୁ କେହି ମରୁନାହାନ୍ତି କି? କାମ କୁଆଡ଼େ ଗଲା?

ଜଣେ ଯମଦୂତ କହିଲା—

ସାର୍, ନୂଆ ଚିତ୍ରଗୁପ୍ତ ସାର୍ ଆସିବା ପରଠାରୁ ମୃତ୍ୟୁ ସଂଖ୍ୟା ହଠାତ୍ କମିଯାଇଛି! ଆମର ଆଉ କିଛି କାମ ନାହିଁ।

ଯମରାଜଙ୍କ ସନ୍ଦେହ ହେଲା। ତୁରନ୍ତ ଏକ ତଦନ୍ତ କମିଟି ଗଠନ ହେଲା। ରିପୋର୍ଟ ଆସିବା ପରେ ଯମରାଜଙ୍କ ମୁଣ୍ଡ ଘୁରିଗଲା!

ଚିତ୍ରଗୁପ୍ତଙ୍କ ଦିବ୍ୟ ପାଞ୍ଜିରେ ପ୍ରତ୍ୟେକ ମୃତ ବ୍ୟକ୍ତିଙ୍କ ନାଁ ପାଖରେ ନାଲି କାଳିରେ ମୋବାଇଲ୍ ନମ୍ବର ଲେଖାଯାଇଛି!

ଆଉ ମୃତ୍ୟୁ ତାରିଖ ଉପରେ Whitener ମାରି ନୂଆ ତାରିଖ ଲେଖାଯାଇଛି!

ଯମରାଜ ଜଣେ ବ୍ୟକ୍ତିଙ୍କୁ ଫୋନ୍ କଲେ—

— "ହେଲୋ! ମନୋଜ ମଲ୍ଲିକ କହୁଛ?"

— ହଁ, ନମସ୍କାର ଚିତ୍ରଗୁପ୍ତ ସାର୍!

ଯମରାଜ ଆଶ୍ଚର୍ଯ୍ୟ ହୋଇ ପଚାରିଲେ—

ମୁଁ ଯମରାଜ କହୁଛି! ତୁମେ ଏ ନମ୍ବର କେମିତି ପାଇଲ?

ମନୋଜ ବାବୁ ଭୟରେ କହିଲେ—

ସାର୍! Truecaller ରେ ନମ୍ବରଟା 'Chitragupt Heaven Office' ଦେଖାଉଛି। ମୁଁ Save ବି କରିଛି! ଗତ ଫେବୃଆରୀରେ ସାର୍ ମୋତେ କଲ୍ କରିଥିଲେ।

କାହିଁକି କଲ୍ କରିଥିଲେ?

ସାର୍, Renewal ପାଇଁ! କହିଲେ—'ମନୋଜ ବାବୁ, ମାର୍ଚ୍ଚ ୧୦ରେ ତୁମର ଖେଳ ଖତମ୍!' ମୁଁ କାନ୍ଦି କାନ୍ଦି କହିଲି—'ପ୍ରଭୁ! ନାତିର ବାହାଘର ଦେଖିନି। ଆଉ ୩୦ ବର୍ଷ ଆୟୁଷ ବଢ଼ାଇଦିଅନ୍ତୁ!

ତା'ପରେ?

ସାର୍ କହିଲେ—'ବର୍ଷକୁ ୧୦ ଲକ୍ଷ ହିସାବରେ ୩ କୋଟି ହେବ। କାଲି ସନ୍ଧ୍ୟା ସୁଦ୍ଧା PhonePର ରେ ଛଜ ଉକ୍ଟ୍ୟର ସ୍କାନ୍ କରି ପଠାଇଦିଅ। ଆୟୁଷ ଗ୍ୟାରେଣ୍ଟି ସହ Extend ହୋଇଯିବ!'

ମୁଁ ତୁରନ୍ତ ୩ କୋଟି ଟଙ୍କା ପଠାଇଦେଲି ସାର୍!

ଯମରାଜ ଫୋନ୍ କାଟିଦେଲେ।

ତା'ପରେ ଗୋଟିଏ ପରେ ଗୋଟିଏ ନମ୍ବରକୁ କଲ୍ଙ୍ଗ

କାହାର Googlର ଚବଛରେ ଟଙ୍କା ନିଆଯାଇଛି, କାହାର ଠାରୁ ଜମି, କାହାର ଠାରୁ ଅନ୍ୟ ସମ୍ପତ୍ତି!

ସ୍ୱର୍ଗପୁରରେ ଚାଲିଛି—

ଆୟୁଷ Extension Subscription Pack!

ଯମରାଜ ମୁଣ୍ଡରେ ହାତ ଦେଇ କହିଲେ—

ହେ ଭଗବାନ! ଭାରତ ଭୂଖଣ୍ଡରୁ ଆସିଥିବା ଏହି ଅଫିସର ଜଣକ ସ୍ୱର୍ଗପୁରରେ ବି 'ଡିଜିଟାଲ୍ ଲାଞ୍ଚ' ଓ 'ଦୁର୍ନୀତି' ପଶାଇଦେଲା! ଯେଉଁଠି ଦେବତାମାନେ ରହନ୍ତି, ସେଠାରେ ବି ସ୍କାମ୍?!

ଯମରାଜ ତୁରନ୍ତ ଚିତ୍ରଗୁପ୍ତଙ୍କୁ ଡାକି କହିଲେ—

ତୁମ VRS ଅର୍ଡର୍ ମୁଁ ପ୍ରତ୍ୟାହାର କଲି! ତୁମେ ବର୍ତ୍ତମାନଠାରୁ ପୁଣି ଡ୍ୟୁଟି କର। ନଚେତ ସବୁଆଡ଼େ ଅରାଜକତା ବ୍ୟାପିଯିବ। ନାରାୟଣ! ମୋ ଗାଦି ବି ଚାଲିଯିବ!

ହସିବା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ। ପ୍ରତିଦିନ କିଛି ସମୟ ହସନ୍ତୁ ଏବଂ ନିଜେ ହସିବା ସହିତ ଅନ୍ୟମାନଙ୍କୁ ମଧ୍ୟ ହସାଇବାକୁ ଚେଷ୍ଟା କରନ୍ତୁ।

# ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ୧୧୦ତମ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ

ଖୋର୍ଦ୍ଧା:ସ୍ଥାନୀୟ ଜୟୀ ରାଜଗୁରୁ ଟାଉନ୍ ହଲ୍ଠାରେ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ୧୧୦ତମ ବାର୍ଷିକ ସାଧାରଣ ସଭା ବ୍ୟାଙ୍କର ସଭାପତି ଶ୍ରୀ ଅଭିଷେକ ସିଂହ ସାମନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି।ସଭା କାର୍ଯ୍ୟ ଆରମ୍ଭ ପୂର୍ବରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ପ୍ରଦୀପ ପ୍ରଜ୍ଜ୍ୱଳନ କରାଯାଇଥିଲା। ପରେ ବ୍ୟାଙ୍କର ପ୍ରତିଷ୍ଠାତା ସ୍ୱର୍ଗତ ରାୟସାହେବ ସତୀଶ ଚନ୍ଦ୍ର ଚକ୍ରବର୍ତ୍ତୀ ଏବଂ ଓଡ଼ିଶା ସମବାୟ ଆନ୍ଦୋଳନର ପୁରୋଧା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା।ଏହାପରେ 'ବନ୍ଦେ ମାତରମ୍' ଓ 'ବନ୍ଦେ ଉତ୍କଳ ଜନନୀ' ଗାନ କରାଯାଇଥିଲା।ସଭାରେ ଖୋର୍ଦ୍ଧା ସହକାରୀ ନିବନ୍ଧକ, ସମବାୟ ସମିତି ସମୂହ ଶ୍ରୀ ଭାଗମତ ମାରାଣ୍ଡି ଯୋଗଦେଇ ସମିତି କର୍ମଚାରୀମାନଙ୍କ ସହଯୋଗରେ ସମବାୟ ଆନ୍ଦୋଳନକୁ ଆହୁରି ମଜବୁତ କରିବା ସହ




ରାଜ୍ୟ ସରକାରଙ୍କ 'ସମୃଦ୍ଧ' କାର୍ଯ୍ୟକ୍ରମ ମାଧ୍ୟମରେ ସମିତି ସ୍ତରରେ ସଭ୍ୟ ସଂଗ୍ରହ ଅଭିଯାନକୁ ଗତିଶୀଳ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ।ବ୍ୟାଙ୍କର ସଭାପତି ଶ୍ରୀ ଅଭିଷେକ ସିଂହ ସାମନ୍ତ ବ୍ୟାଙ୍କରେ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ବିବରଣୀ ଉପସ୍ଥାପନ କରିବା ସହ ପରିଚାଳନା ପରିଷଦର ନିଷ୍ପତ୍ତି ଅନୁଯାୟୀ ଗତ ୫ ବର୍ଷ ମଧ୍ୟରେ ବ୍ୟାଙ୍କର ବ୍ୟବସାୟରେ ହୋଇଥିବା ଦ୍ରୁତ ଅଭିବୃଦ୍ଧିର ତୁଳନାତ୍ମକ ଚିତ୍ର ଉପସ୍ଥାପନ କରିଥିଲେ।ସମସ୍ତ ଅଂଶୀଦାର, ସମିତି ଓ କର୍ମଚାରୀଙ୍କ ସହଯୋଗରେ ବ୍ୟାଙ୍କ ଆଗକୁ ଆହୁରି ଅଗ୍ରସର ହେବ ବୋଲି ଶ୍ରୀ ସିଂହ ସାମନ୍ତ କହିଥିଲେ। ଏଥିସହ ବାକି ରହିଥିବା ବିଭିନ୍ନ କାର୍ଯ୍ୟକୁ ଖୁବ୍‌ଶୀଘ୍ର ସମାପ୍ତ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ।ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ସାରଥୀ ଶତପଥୀ ୨୦୨୫-୨୬ ଆର୍ଥିକ ବର୍ଷର ବାର୍ଷିକ ବିବରଣୀ ପାଠ କରିଥିଲେ। ବ୍ୟାଙ୍କର ଏଜିଏମ୍ ଶ୍ରୀ ସନ୍ଦୀପ ପଟ୍ଟନାୟକ ବ୍ୟାଙ୍କର ଅଗ୍ରଗତି ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ।ବାର୍ଷିକ ସାଧାରଣ ସଭାରେ ବ୍ୟାଙ୍କ ସହ ଅନୁବନ୍ଧିତ ବିଭିନ୍ନ ସମବାୟ ସମିତିର ସଭାପତି, ପ୍ରତିନିଧି ଓ ସମ୍ପାଦକମାନେ ଯୋଗଦେଇଥିଲେ। ଏହି ଅବସରରେ ନିର୍ଦ୍ଦେଶକ ଶ୍ରୀ ସୁଧାଂଶୁ ଶେଖର ବଡ଼େଜନା, ଶ୍ରୀ ପ୍ରକାଶ ରାଉତରାୟ ଓ ଶ୍ରୀ ବିପିନ ବିହାରୀ ପାତ୍ର ନିଜର ସୁଚିନ୍ତିତ ମତାମତ ରଖିଥିଲେ।ଶ୍ରୀ ଜ୍ୟୋତିରଞ୍ଜନ ରାଉତରାୟ ସଭା ପରିଚାଳନା କରିଥିଲେ ବୋଲି ଜଣା ପଡ଼ିଛି।


Printed and Published by Monalisa Das, on behalf of Nirbhika Ama Samabaya Sambad Publications, Published from MB - 83, Badagada Brit Colony, Bhubaneswar-751018, Odisha and Email - sambadsamabaya@gmail.com, Ph. No. (0674) 3522400 Mobile- 6372 495 819, Printed at Om printers,Mancheswar Industrial Estate, Bhubaneswar - 751010

**Chief Editor: Sirdhartha Roy**
ମୁଖ୍ୟ ସମ୍ପାଦକ - ସିଦ୍ଧାର୍ଥ ରାୟ

**Editor - Monalisa Das**
ସମ୍ପାଦିକା: ମୋନାଲିସା ଦାସ